ଆଜି - ସୋମବାର
ତାରିଖ - ୦୮ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୨୫
ତିଥି - ଅଷ୍ଟମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଶତଭିଷା, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୦ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ବିଶ୍ୱ ଯେତେ ଜ୍ଞାନ ଆହରଣ କରିଛି, ତାହା ମନୁଷ୍ୟର ମୁଣ୍ଡରୁ ହିଁ ଆସିଛି । ବିଶ୍ୱର ଅସୀମ ପାଠାଗାର ତୁମ ନିଜ ମୁଣ୍ଡ ଭିତରେ ଅଛି । "

- ସ୍ୱାମୀ ବିବେକାନନ୍ଦ

E-News : www.Ajikali epaper.com

Vol.- 41 ISSUE- 55 R.N.I. REGD. No. 44026/86 ବାଲେଶ୍ୱର ୦୮ ଜୁନ୍ ୨୦୨୬ ସୋମବାର BALASORE 08 JUNE 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପଂଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ ସେହିପରି ଢାଂଚାରେ ପ୍ରସ୍ତୁତ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ । ମୂଳଦୁଆ ଯେତିକି ସୁଦୃଢ଼ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ । ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ଼ ଏବଂ ସଂଗଠିତ କରାଯିବ । ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ । ପିଲାମାନେ ସର୍ବୋତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ । ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା । ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି । ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ । Child Tracking Survey ଓ ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି । ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତିଭୂମିକୁ ସଦୃଢ଼ କରିବ ନାହିଁ, ବରଂ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ।

## ଆସନ୍ତାକାଲି ନୂଆଦିଲ୍ଲୀରେ ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଂଟ ସିଷ୍ଟମର ଶୁଭାରମ୍ଭ କରିବେ ଅମିତ ଶାହ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତର ସୀମା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଏକ ନୂତନ ଗତି ପାଇଛି । ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସହଯୋଗ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଦ୍ୱାରା ୯ ଜୁନ ୨୦୨୬, ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଂଟ ସିଷ୍ଟମ (LPMS) ର ଶୁଭାରମ୍ଭ ସହିତ ଉପରେ ରହିଛି । ଏହି ପଦକ୍ଷେପ ମୋଦି ସରକାରଙ୍କର ସ୍ମାର୍ଟ ସୀମା ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ, ଯାହା ପ୍ରଯୁକ୍ତିବିଦ୍ୟା ଆଧାରିତ ସମାଧାନ ମାଧ୍ୟମରେ ସୀମାପାର ବାଣିଜ୍ୟ ଏବଂ ଯାତ୍ରୀ ପରିବହନରେ ଦକ୍ଷତା, ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି କରିଥାଏ । ଏହି ଅବସରରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଡାଉକି (ମେଘାଳୟ) ଏବଂ ଶ୍ରୀମନ୍ତପୁର (ତ୍ରିପୁରା) ଲ୍ୟାଣ୍ଡ ପୋର୍ଟରେ ନୂତନ ଭାବରେ ବିକଶିତ ଷ୍ଟେକହୋଲ୍ଡର ଆବାସ ସୁବିଧାର ମଧ୍ୟ ଉଦଘାଟନ କରିବେ, ଯାହା ସୀମା ସୁରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଷ୍ଟେକହୋଲ୍ଡରଙ୍କ ପାଇଁ ଭିତିଭୂମି ସମର୍ଥନକୁ ଆହୁରି ମଜବୁତ କରିବ । LPMS ର ଶୁଭାରମ୍ଭ ଭାରତର ଆଧୁନିକ, ପ୍ରଯୁକ୍ତିବିଦ୍ୟା ସକ୍ଷମ ସ୍ମାର୍ଟ ସୀମା ପରିଚାଳନା ପ୍ରଣାଳୀ ଆଡକୁ ଯାତ୍ରାରେ ଏକ ଐତିହାସିକ ପଦକ୍ଷେପ ହେବ, ଯାହା ୨୦୪୭ ସୁଦ୍ଧା ବାଣିଜ୍ୟ ସୁବିଧା, ସଂଯୋଗୀକରଣ ଏବଂ



ଜାତୀୟ ସୁରକ୍ଷା ଏବଂ ଓ୍ୱିକ୍ସିଟ୍ ଭାରତକୁ ସୁଦୃଢ଼ କରିବା ଉପରେ ଦେଶର ରଣନୈତିକ ଧ୍ୟାନକୁ ପ୍ରତିଫଳିତ କରିବ । ଖଚଗଝ ହେଉଛି ଏକ ଅତ୍ୟାଧୁନିକ ଡିଜିଟାଲ୍ ପ୍ଲାଟଫର୍ମ ଯାହା ଲ୍ୟାଣ୍ଡ ପୋର୍ଟଗୁଡିକ ମଧ୍ୟରେ କାର୍ଯ୍ୟକୁ ଏକୀକୃତ ସିଷ୍ଟମରେ ସମନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହା ଲଜିଷ୍ଟିକ୍ସ ଏବଂ ନିୟାମକ ସୂଚନାର ସୁରକ୍ଷିତ, ବାସ୍ତବ-ସମୟ ଆଦାନପ୍ରଦାନକୁ ସକ୍ଷମ କରିଥାଏ, ଯାହା ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକରେ କାର୍ଯ୍ୟକ୍ଷମ ଡିଜିଟାଲ୍ ସିଷ୍ଟମ୍ ସହିତ ସମକକ୍ଷ ସ୍ଥଳ ବନ୍ଦରଗୁଡ଼ିକୁ ଆଣିଥାଏ । ଏକ ନିରପେକ୍ଷ ଏବଂ ଖୋଲା ପ୍ଲାଟଫର୍ମ ଭାବରେ, ଖଚଗଝ ସରକାରୀ ଏଜେନ୍ସି ଏବଂ ଘରୋଇ ଅପରେଟରମାନଙ୍କ ସମେତ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ନିର୍ବିଘ୍ନ ସମନ୍ୱୟକୁ ସହଜ କରିବ, ଯାହା ଦ୍ୱାରା ବିଳମ୍ବ ହ୍ରାସ ହେବ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ହେବ । ଏହି ସିଷ୍ଟମ ସ୍ଲଟ୍ ବୁକିଂ, ପେମେଂଟ, ଟ୍ରାକିଂ ଏବଂ ସିଙ୍ଗଲ୍-ଓ୍ୱିଣ୍ଡୋ କ୍ଲିୟରାନ୍ସ ସମେତ କାର୍ଗୋ ଏବଂ ଯାତ୍ରୀ ପ୍ରକ୍ରିୟାକରଣ ପାଇଁ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ୍ ଓ୍ୱାର୍କଫ୍ଲୋ ପ୍ରଚଳନ କରେ । ଓଉରଏଇଞ୍ଜର, ଟଖଓଚ ଏବଂ ମୋଟର ଯାନ ଇକୋସିଷ୍ଟମ୍ ଭଳି ପ୍ରମୁଖ ଜାତୀୟ ପ୍ଲାଟଫର୍ମ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ, ଖଚଗଝ ଆନ୍ତଃପରିଚାଳକ, ଦକ୍ଷ ଏବଂ ସ୍ୱଚ୍ଛ ସୀମା ପରିଚାଳନାକୁ ସକ୍ଷମ କରିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୀମା ପରିଚାଳନା ବିଭାଗ ଅଧୀନରେ ଏକ ସାମ୍ବିଧାନିକ ସଂସ୍ଥା, ଭାରତୀୟ ଭୂମି ବନ୍ଦର ପ୍ରାଧିକରଣ (LPMS), ବାଣିଜ୍ୟ, ସଂଯୋଗୀକରଣ ଏବଂ ଆଂଚଳିକ ସହଯୋଗକୁ ସୁଗମ କରିବା ପାଇଁ ସ୍ଥଳ ବନ୍ଦରଗୁଡ଼ିକର ବିକାଶ ଏବଂ ପରିଚାଳନା ପାଇଁ ଦାୟୀ । ବର୍ତମାନ, ଖଚଇଓ ଭାରତର ଆନ୍ତର୍ଜାତୀୟ ସୀମାରେ ୧୫ ଟି ସ୍ଥଳ ବନ୍ଦର ପରିଚାଳନା କରେ: ଅଟାରୀ (ପଞ୍ଜାବ) ଏବଂ ଡେରା ବାବା ନାନକ (ପଞ୍ଜାବ) ଭାରତ-ପାକିସ୍ତାନ ସୀମା ସହିତ; ଭାରତ - ନେପାଳ ସୀମାରେ ରୁପାଇଡିହା (ଉତରପ୍ରଦେଶ), ରାକ୍ସଲ (ବିହାର) ଏବଂ ଜୋଗବାନୀ (ବିହାର); ଭାରତ - ଭୁଟାନ ସୀମାରେ ଥିବା ଡାରଙ୍ଗା (ଆସାମ); ଭାରତ - ବାଂଲାଦେଶ ସୀମାରେ ପେଟ୍ରାପୋଲ (ପଶ୍ଚିମବଙ୍ଗ), ଡାକି (ମେଘାଳୟ), ସୁତାରକାଣ୍ଡି, ଗୋଲାକଗଞ୍ଜ ଏବଂ ମାନକଚର (ଆସାମ), ଅଗରତାଲା, ଶ୍ରୀମନ୍ତପୁର ଏବଂ ସାବ୍ରୁମ୍ (ତ୍ରିପୁରା); ଏବଂ ଭାରତ - ମିଆଁମାର ସୀମାରେ ମୋରେହ (ମଣିପୁର) ।

## ଅଳ୍ପରେ ଖବର

» କିନ୍ନରଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ପଡ଼ିଛନ୍ତି । ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଛି । ଏବେ ସେ କୋମାରେ ଥିବା ଜଣାପଡ଼ିଛି । ପୁଲିସ ଆକ୍ରମଣକାରୀ ୨ କିନ୍ନରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ।

» ୨୦୨୬ ୨୭ ବର୍ଷ ପାଇଁ ୟୁପିଏସ୍ ?ସି ମାଗଣା କୋଚିଂ ପାଇଁ ଆବେଦନ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ । ୧୯ ତାରିଖ ଯାଏ ଆବେଦନ କରିହେବ । ୨୦ ତାରିଖରେ ଫର୍ମ ସଂଶୋଧନର ସୁଯୋଗ ଦିଆଯିବ ।

» ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ଲୋକଙ୍କୁ ସଚେତନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ନିରାପଦ ଖାଦ୍ୟ ସମସ୍ତଙ୍କର ଦାୟିତ୍ୱ ।

» ଆୟ ବହିର୍ଭୂତ ସଂପତି ଠୁଳ କରିବା ମାମଲାରେ ଭିଜିଲାନ୍ସ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କନ୍ଧମାଳ ଜିଲ୍ଲାର ବାଲିଗୁଡାସ୍ଥିତ ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି ।

## ଭୁବନେଶ୍ୱରରେ ଖୋଲିବ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ



ଭୁବନେଶ୍ୱର : ଭୁବନେଶ୍ୱରରେ ଖୋଲିବ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟ ଶାଖା । ଏଥିପାଇଁ ଖର୍ଚ୍ଚ ହେବ ୬୩୦ କୋଟି । ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟ ର ଏକ ଶାଖା ଭୁବନେଶ୍ୱରରେ ଖୋଲିବାକୁ କେନ୍ଦ୍ରରୁ ଅନୁମୋଦନ ମିଳିଛି । ସେପ୍ଟେମ୍ବର ୨୦୨୪ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତଙ୍କ ସହ ସାକ୍ଷାତ କରି ଭୁବନେଶ୍ୱରରେ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟ ର ଏକ ଶାଖା ସ୍ଥାପନ ପାଇଁ ଅନୁରୋଧ କରିଥିଲେ । ଏହା ସହିତ ୧୦ ସେପ୍ଟେମ୍ବର ୨୦୨୪ରେ କେନ୍ଦ୍ରମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଏକ ପତ୍ର ମଧ୍ୟ ଲେଖିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରି ତାଙ୍କୁ ଶ୍ରୀ ଶେଖାଓ୍ୱତଙ୍କୁ NGMAର ଏକ ଶାଖା ଭୁବନେଶ୍ୱରରେ ସ୍ଥାପନ ପାଇଁ ପତ୍ର ଲେଖିବାକୁ ଅନୁରୋଧ କରିଥିଲେ । ସାଂସଦଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ୨୫ ସେପ୍ଟେମ୍ବର ୨୦୨୪ରେ ତୁରନ୍ତ ଶ୍ରୀ ଶେଖାଓ୍ୱତଙ୍କୁ ପତ୍ର ଲେଖିଥିଲେ । ମାତ୍ର ଏହି ବିଷୟକୁ ନେଇ ସାଂସଦ ଷଡ଼ଙ୍ଗୀ ଭାରତ ସରକାରଙ୍କ ନିକଟରେ ନିରନ୍ତର ଭାବେ ଦାବି କରିଆସୁଥିଲି । ବର୍ତମାନ ସାଂସଦ ଷଡ଼ଙ୍ଗୀ କହିଛନ୍ତି ଯେ, ଭାରତ ସରକାର ଶେଷରେ ଆମର ଅନୁରୋଧକୁ ସ୍ୱୀକାର କରିଛନ୍ତି । ୨୯ ମେ ୨୦୨୬ ତାରିଖର ପତ୍ର ମାଧ୍ୟମରେ ଭୁବନେଶ୍ୱରରେ NGMAର ଏକ ଶାଖା ଖୋଲିବା ପାଇଁ ସେମାନଙ୍କର ନିଷ୍ପତିକୁ ଔପଚାରିକ ଭାବରେ ଜଣାଇଛନ୍ତି । ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୬୩୦ କୋଟି ଟଙ୍କା ହେବ । ଆବଶ୍ୟକୀୟ ଔପଚାରିକତାଗୁଡ଼ିକୁ ଖୁବ୍ ଶୀଘ୍ର ଓଡ଼ିଶା ସରକାର ପୂରଣ କରିବେ । ଏଥିପାଇଁ କୃତଜ୍ଞତା ଜଣାଉଛି ବୋଲି ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ।

## ବିକଶିତ ଭାରତର ସ୍ୱପ୍ନ ସାକାରରେ ଯୁବପିଢ଼ିଙ୍କ ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ: ମନସୁଖ ମାଣ୍ଡଭୀୟ




ନୂଆଦିଲ୍ଲୀ : ଆଜି ଦିଲ୍ଲୀର ତ୍ୟାଗରାଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ' ବିକଶିତ ଭାରତ ପାଇଁ ଯୁବପିଢି: ମାଇ ଭାରତ ଯୁବ ସମ୍ମିଳନୀ'ରେ ଉଦବୋଧନ ଦେଇଥିଲେ । ଏହି ସମ୍ମିଳନୀରେ ସାରାଦେଶରୁ ଆସିଥିବା ୬୦୦୦ ରୁ ଅଧିକ ଯୁବକଯୁବତୀ ଯୋଗଦେଇଥିଲେ । ସେମାନେ ଛାତ୍ର, ଯୁବ ପେସାଦାର, ଯୁବତୀ, ଉଦ୍ୟୋଗୀ, କଂଟେଂଟ୍ କ୍ରିଏଟର୍, ନବସୃଜନକାରୀ, ଉଦୀୟମାନ ନେତା ଏବଂ କୃତିତ୍ୱ ହାସଲକାରୀଙ୍କ ସମେତ ବିବିଧ ପୃଷ୍ଠଭୂମିର ପ୍ରତିନିଧିତ୍ୱ କରୁଥିଲେ । ଏହି କାର୍ଯ୍ୟକ୍ରମ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ପରିବର୍ତନକାରୀ ଭୂମିକା ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଯାତ୍ରାକୁ ପ୍ରଦର୍ଶିତ କରିଥିଲା । ଏହି ଅବସରରେ ବିଧାୟକ ଏବଂ ଗାୟିକା ଶ୍ରୀମତୀ ମୈଥିଳୀ ଠାକୁର, ଅଭିନେତା ଶ୍ରୀ ବିକ୍ରାନ୍ତ ମାସେ, ଉଦ୍ୟୋଗୀ ଶ୍ରୀ ଅମନ ଗୁପ୍ତା ଏବଂ ଭାରତୀୟ କ୍ରିକେଟର ଶ୍ରୀ ଜିତେଶ ଶର୍ମାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ 'ମୋ ଭାରତ' ଏନଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କର ଅଭିଜ୍ଞତା ବାଂଟିଥିଲେ । ଏହା ସହିତ ଯୁବପିଢ଼ିଙ୍କୁ ଉତ୍କର୍ଷତା ହାସଲ କରିବାକୁ ଏବଂ ଜାତୀୟ ବିକାଶରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରେରଣା ଦେଇଥିଲେ । ୬,୦୦୦ରୁ ଅଧିକ ଯୁବକଯୁବତୀ ଯୋଗଦେଇଥିବା ଏହି ଯୁବ ସମ୍ମିଳନୀରେ ଦେଶବ୍ୟାପୀ ନିଆଯାଇଥିବା ପ୍ରମୁଖ ଯୁବ ସଂପର୍କ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା । ଦେଶର ୬୫ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୩୫ ବର୍ଷରୁ କମ ବୋଲି ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ ଡକ୍ଟର ମାଣ୍ଡଭୀୟ କହିଥିଲେ ଯେ ଭାରତର ଯୁବପିଢ଼ି ଦେଶର ସବୁଠାରୁ ବଡ଼ ଶକ୍ତି ଏବଂ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାର କେନ୍ଦ୍ରରେ ଯୁବପିଢି ଅଛନ୍ତି । 'ଯୁବକମାନେ ଆମର ଶକ୍ତି, ଆମର ଗର୍ବ, ଆମର ସଂକଳ୍ପ ଏବଂ ଆମର ଭବିଷ୍ୟତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତୀୟ ଯୁବପିଢିଙ୍କ ପାଇଁ ନବସୃଜନ, ଉତ୍କର୍ଷତା ହାସଲ ଏବଂ ଦେଶ ନିର୍ମାଣରେ ଯୋଗଦାନ ଦେବା ପାଇଁ ଅଭୂତପୂର୍ବ ସୁଯୋଗ ସୃଷ୍ଟି ହୋଇଛି । ଷ୍ଟାର୍ଟଅପ୍, କ୍ରୀଡା, ଜନସେବା, ଉଦ୍ୟୋଗ କିମ୍ବା ସୃଜନଶୀଳ କ୍ଷେତ୍ର ହେଉ, ଯୁବ ଭାରତୀୟମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରୁଛନ୍ତି ଏବଂ ବିଶ୍ୱ ସ୍ତରରେ ଦେଶକୁ ଗର୍ବିତ କରୁଛନ୍ତି,' ସେ କହିଥିଲେ ।

## ପୁରୀରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଏସିଏସ ଉଷା ପାଢ଼ୀ

ଭୁବନେଶ୍ୱର : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସିବା ସହିତ ରାଜ୍ୟ ସରକାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ପାଇଁ ସୁଚାରୁ, ସୁରକ୍ଷିତ ଏବଂ ପରିଷ୍କାର ଅନୁଭବ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତିକୁ ଆହୁରି ତ୍ୱରାନ୍ୱିତ କରିଛି । ଆବାସ ଓ ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ (ଏସିଏସ) ଶ୍ରୀମତୀ ଉଷା ପାଢ଼ୀ ଶନିବାର ପୁରୀ ସର୍କିଟ ହାଉସରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ଆସନ୍ତା ଏହି ଭବ୍ୟ ଆୟୋଜନ ପୂର୍ବରୁ ସହରରେ ଆବଶ୍ୟକ ନାଗରିକ ଅବସ୍ଥାପନା ଏବଂ ସାର୍ବଜନୀନ ସେବା ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପ୍ରତି ବିଶେଷ ଜୋର ଦିଆଯାଇଥିଲା । ସମୀକ୍ଷା ସମୟରେ ଶ୍ରୀମତୀ ପାଢ଼ୀ ଅଧିକାରୀମାନଙ୍କୁ ନଗର ଅଂଚଳର ସମସ୍ତ ସଡ଼କ ମରାମତି କାମ ସମୟମଧ୍ୟରେ ସମାପ୍ତ କରିବା, ନାଳାମାନଙ୍କର ବ୍ୟାପକ ପରିଷ୍କାର ଓ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଏବଂ ପରିଷ୍କାରତା



ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଏବଂ ଅସ୍ଥାୟୀ ପାର୍କିଂ ସୁବିଧା ବିକଶିତ କରିବାକୁ ମଧ୍ୟ ଜୋର ଦେଇଥିଲେ । ନିରବଚ୍ଛିନ୍ନ ପେୟଜଳ ଯୋଗାଣର ଗୁରୁତ୍ୱକୁ ଉଲ୍ଲେଖ କରି ସେ ଅଧିକାରୀମାନଙ୍କୁ ଭକ୍ତମାନଙ୍କର ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ୨୪ ଘଂଟିଆ ସାର୍ବଜନୀନ ଶୌଚାଳୟ ସୁବିଧା ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## କମ୍ପୋଜିଟ୍ ମହାବିଦ୍ୟାଳୟରୁ ଅଲଗା ହେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ : ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର : ଯେଉଁ ସବୁ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ କଲେଜ ତଥା ଉଚ୍ଚ ମାଧ୍ୟମିକ ସ୍କୁଲ ଅଲଗା ହେବ । କମ୍ପୋଜିଟ୍ ମହାବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପୃଥକୀକରଣ କରାଯିବ । ଏନେଇ ପୁଣି ଥରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଙ୍କ ସମେତ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଚିଠି କରାଯାଇଛି । ବିଭାଗ ପକ୍ଷରୁ ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ମାତ୍ର ସରକାରଙ୍କ ଦୃଷ୍ଟିଗୋଚର ହୋଇଛି ଯେ, ଅଧିକାଂଶ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ବିଭାଜନ ପ୍ରକ୍ରିୟା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇନାହିଁ । ତେଣୁ ଡିଗ୍ରୀ କଲେଜ, ବିଶ୍ୱବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅଲଗା କରିବାକୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉ ବୋଲି ଚଳିତବର୍ଷ ମେ ୬ରେ ଉଚ୍ଚଶିକ୍ଷା ବିଭାଗ ଓ ଗଣଶିକ୍ଷା ବିଭାଗ ମଧ୍ୟରେ ଏକ ମିଳିତ ବୈଠକ




ହୋଇଥିଲା । ବୈଠକରେ ବିଚାର ବିମର୍ଷ ପରେ ନିଷ୍ପତି ନିଆଯାଇଛି ଯେ, ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରୁ ଯୁକ୍ତ ଦୁଇ କଲେଜକୁ ଅଲଗା କରାଯିବ । ଏଥିପାଇଁ ଏକ ୪ଜଣିଆ କମିଟି ଗଠନ କରାଯାଇଛି । ଏହି କମିଟିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅଧକ୍ଷ ରହିବେ । ଡିଗ୍ରୀ କଲେଜର ଅଧକ୍ଷ, ଉପ ଜିଲ୍ଲାପାଳ ତଥା ଏସ୍ଡିଏମ୍ ସଦସ୍ୟ ରହିବେ । ଜିଲ୍ଲା ଶିକ୍ଷା ଅଧିକାରୀ ସଦସ୍ୟ ଆବାହକ ଭାବେ ଏହି କମିଟିରେ ରହିବେ । ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯୋଗାଯୋଗ କରିବେ । ଏହାପରେ କ୍ଷେତ୍ର ପରିଦର୍ଶନ, ବିଭାଜନ ଯୋଜନା ପାଇଁ ପ୍ରାରମ୍ଭିକ ପଦକ୍ଷେପ ନେବେ । ବିଭାଗ ମଧ୍ୟ ଏହା କହିଛି, ଯଦି ବିଭାଜନରେ କୌଣସି ଅସୁବିଧା ହୁଏ ତେବେ ତାର ବିକଳ୍ପ ବ୍ୟବସ୍ଥା କରାଯିବ । ଯେଉଁଥିରେ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ଉକ୍ତ ଡିଗ୍ରୀ କଲେଜର ଜମିରୁ କିଛି ଅଂଶ ପ୍ରଦାନ କରିବେ । ଯଦି ସମ୍ଭବ ହୁଏ ନିକଟସ୍ଥ ହାଇସ୍କୁଲକୁ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯିବ । କମ୍ପୋଜିଟ୍ ଯୁକ୍ତ ଦୁଇର କର୍ମଚାରୀଙ୍କୁ ସେହି ଉନ୍ନୀତ ଅନୁଷ୍ଠାନକୁ ସ୍ଥାନାନ୍ତର କରିବା ସହ ପୂର୍ବ ଅନୁଷ୍ଠାନକୁ ବନ୍ଦ କରି ଦିଆଯିବ । ଭିତିଭୂମି ବିକାଶ ପାଇଁ ପର୍ଯ୍ୟାପ୍ତ ଜମି ଥିବା ନିକଟସ୍ଥ ହାଇସ୍କୁଲକୁ କମ୍ପୋଜିଟ୍ ହାୟାର ସେକେଣ୍ଡାରୀ ସ୍କୁଲକୁ ସ୍ଥାନାନ୍ତରଣ କରାଯିବ । ଏହା ମଧ୍ୟ କୁହାଯାଇଛି, ଯେଉଁ କ୍ଷେତ୍ରରେ କୋଠାବାଡ଼ି କିମ୍ବା ଜମି ବିଭାଜନ ହୋଇନପାରେ ସେଠାରେ ୭୦ :୩୦ ଅନୁପାତରେ ଶ୍ରେଣୀଗୃହଭିତିକ ପୃଥକୀକରଣ କରାଯିବ । ଅର୍ଥାତ୍ ୭୦ ପ୍ରତିଶତ ମହାବିଦ୍ୟାଳୟ ପାଇଁ ବ୍ୟବହାର ହେବ ଆଉ ୩୦ ପ୍ରତିଶତ ଯୁକ୍ତ ଦୁଇ ଶ୍ରେଣୀ ପାଇଁ ବ୍ୟବହାର ହେବ । କିନ୍ତୁ ଏକା ସମାନ ପରିସର ମଧ୍ୟରେ ପୃଥକୀକରଣ ହେଲେ, କ୍ୟାଂଟିନ୍, ଖେଳ ପଡ଼ିଆ, ପ୍ରେକ୍ଷାଳୟ, ବହୁମୁଖୀ ହଲ୍, ଗ୍ରନ୍ଥାଗାର, ପାଠାଗାର, ଆଦି ସାଧାରଣ ସୁବିଧାକୁ କଲେଜସ୍ତରରେ ପାରସ୍ପରିକ ନିଷ୍ପତି ଅନୁଯାୟୀ ଡିଗ୍ରୀ କଲେଜ ଓ ଯୁକ୍ତ ଦୁଇ କଲେଜ କର୍ତୃପକ୍ଷ ପଦ୍ଧାରେ ମିଳିତ ଭାବେ ବ୍ୟବହାର କରିବେ ।

# ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୪ ଅଧ୍ୟାପକ

ବାଲେଶ୍ୱର, (ନି.ପ୍ର.)ଫକୀରମୋହନ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୌରବମୟ ସଫଳତା ଭାବେ ବିଶ୍ୱବିଦ୍ୟାଳୟର ଚାରିଜଣ ବିଶିଷ୍ଟ ଅଧ୍ୟାପକ ବିଶ୍ୱସ୍ତରୀୟ ବୈଜ୍ଞାନିକ ମୂଲ୍ୟାଙ୍କନ ତାଲିକାରେ ସ୍ଥାନ ପାଇ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି । ଗବେଷଣା ପ୍ରକାଶନ, ଉଦ୍ଧୃତି ପ୍ରଭାବ ଏବଂ ବୈଜ୍ଞାନିକ ଅବଦାନ ଆଧାରରେ ପ୍ରସ୍ତୁତ ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ବଢ଼ୁଥିବା ଗବେଷଣା ସାମର୍ଥ୍ୟକୁ ପ୍ରତିଫଳିତ କରିଛି । ୨୦୨୫ ସାଇନ୍ସ-ର୍ୟାଙ୍କ୍ (ଝମସଜବଭଲ) ଗ୍ଲୋବାଲ୍ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ଅଧିକାର ।ଏହି ସମ୍ମାନ ଲାଭ କରିଥିବା ଅଧ୍ୟାପକମାନେ ହେଲେ—ଂଚ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ — କମ୍ପ୍ୟୁଟର ବିଜ୍ଞାନ ଓ ଯନ୍ତ୍ରାଧାରିତ ଶିକ୍ଷଣଂଚ ପ୍ରଫେସର ପଙ୍କଜ କୁମାର ପାରହୀ — ଧାତୁ ନିଷ୍କାଷଣ ବିଜ୍ଞାନ ଓ ସମ୍ପଦ ପୁନରୁଦ୍ଧାରପ୍ରଫେସର ମନୋରଞ୍ଜନ ମିଶ୍ର — ଭୂଗୋଳ ଓ ଜଳବାୟୁ ବିଜ୍ଞାନ

ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ — ଆଣବିକ ଜୀବବିଜ୍ଞାନ ଓ ଜୈବ-ସୂଚନା ବିଜ୍ଞାନ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଗତ ୨୫ ବର୍ଷ ଧରି ତଥ୍ୟ ବିଶ୍ଳେଷଣ, ଯନ୍ତ୍ରାଧାରିତ ଶିକ୍ଷଣ ଏବଂ ବହୁମାନଦଣ୍ଡୀୟ ନିଷ୍ପତି ଗ୍ରହଣ କ୍ଷେତ୍ରରେ ଅଗ୍ରଣୀ ଗବେଷଣା କରିଆସୁଛନ୍ତି । ସେ ୨୫୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ବହୁ ପ୍ରତିଷ୍ଠିତ ସମ୍ମାନ ଓ ଅନୁସନ୍ଧାନ ବୃତି ଲାଭ କରିଛନ୍ତି । ପ୍ରଫେସର ପଙ୍କଜ କୁମାର ପାରହୀ, ବର୍ଜ୍ୟ ପଦାର୍ଥ ପୁନଃବ୍ୟବହାର, ସମ୍ପଦ ପୁନରୁଦ୍ଧାର ଓ ପରିବେଶ ଅନୁକୂଳ ଧାତୁ ନିଷ୍କାଷଣ ପ୍ରଯୁକ୍ତି କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ବିଶ୍ୱରେ ସୁପରିଚିତ । ସେ ୨୪୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ୬ଟି ଉଦ୍ଭାବନ ଅଧିକାରର ଅଧିକାରୀ ଏବଂ କ୍ରମାଗତ ଛଅ ବର୍ଷ ଧରି ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଆସୁଛନ୍ତି । ପ୍ରଫେସର ମନୋରଞ୍ଜନ ମିଶ୍ର ଜଳବାୟୁ ପରିବର୍ତନ, ବିପର୍ଯ୍ୟୟ ଜନିତ ବିପଦ ହ୍ରାସ, ଭୌଗୋଳିକ ସୂଚନା ପ୍ରଣାଳୀ, ଦୂର-ସଂବେଦନ ତଥା ଅନୁଭବ ପ୍ରଯୁକ୍ତି ଏବଂ ପରିବେଶୀୟ ସ୍ଥାୟୀତ୍ୱ କ୍ଷେତ୍ରରେ ଜଣେ ଅଗ୍ରଣୀ ଗବେଷକ । ବଜ୍ରପାତ ପୂର୍ବାନୁମାନ ଏବଂ ପୂର୍ବ ସତର୍କତା ବ୍ୟବସ୍ଥା ଉପରେ ତାଙ୍କର ଗବେଷଣା ବିପର୍ଯ୍ୟୟ ମୁକାବିଲା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରଖିଛି । ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ - ଟୀକାର ବିକାଶ, ଜୀବ ବଂଶଗତ ଅଧ୍ୟୟନ ଓ ସଂକ୍ରାମକ ରୋଗ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱସ୍ତରରେ ପରିଚିତ ଓ ସୁନାମଧନ୍ୟ । ତାଙ୍କ ଗବେଷଣା କାର୍ଯ୍ୟକୁ ୯ ହଜାରରୁ ଅଧିକ ଥର ଉଦ୍ଧୃତ କରାଯାଇଥିବା ବେଳେ ତାଙ୍କର ଗବେଷଣା ପ୍ରଭାବ ସୂଚକାଙ୍କ ୫୦ରୁ ଅଧିକ ରହିଛି । ସେ ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତିକ ବୈଜ୍ଞାନିକ



ପତ୍ରିକାର ସମ୍ପାଦକୀୟ ମଣ୍ଡଳୀରେ ମଧ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ସଫଳତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିବା ସହ ବିଜ୍ଞାନ, ନବସୃଜନ ଓ ସମାଜ ଉନ୍ନୟନ ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ପ୍ରତିଶୃତି କୁ ପ୍ରତିଫଳିତ କରିପାରିଛି । ଏହି ଚାରିଜଣ ବିଦ୍ୱାନ ଅଧ୍ୟାପକଙ୍କୁ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସମସ୍ତ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଥିବା ବେଳେ ସେମାନଙ୍କର ଏହି କୃତିତ୍ୱ ଓଡ଼ିଶା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି ।

# ମୋ ଭାରତ ଯୁବ କେନ୍ଦ୍ର ଓ ଉତ୍‌କଳା କଲଚୁରାଲ ଏକାଡେମୀ ଦ୍ୱାରା ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ

ବାଲେଶ୍ୱର,(ନି.ପ୍ର): ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି. ଉକ୍ତ ପରିବେଶ ଦିବସ ରେ ମୋ ଭାରତ ଯୁବ ହିସାବ ରକ୍ଷକ ଅମିରନ ରାଉତ ତତ୍ତ୍ୱାବଧାନ ରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଁଆ (ଇଉଗସାଧାରଣ )ସଭାପତିତ୍ୱ କରି ଥିବା ବେଳେ ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ତାଙ୍କ ଅଭିଭାଷଣ ରଖିଥିଲେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କାରାଗାର ଅନ୍ତେବାସୀ ଙ୍କ ନିମନ୍ତେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଓ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରା ଯାଇ ଥିଲା ମୋ ଭାରତ ଯୁବ କେନ୍ଦ୍ର ରୁ ଆସିଥିବା କ୍ଲବ ଓ ଯୁବ ଅନୁଷ୍ଠାନ ଅନ୍ତେବାସୀ ଙ୍କ ସହ ପ୍ରତିଯୋଗିତା ରେ ଭାଗ ନେବାରେ ସୁଯୋଗ ପାଇଥିଲେ. ପୁରସ୍କାର ସଭା ସମସ୍ତ ଙ୍କୁ ଆନନ୍ଦିତ କରିଥାଏ, ଏହି ସଭା ରେ ଜିଲା କାରାଗାର ଅଧିକ୍ଷକ



ସୁଚିତ୍ରା ଦାସ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କାରାଗାର କାରା ପାଳ ପ୍ରଦୀପ୍ତ କୁମାର ମହାଳିକ କୃତି ପ୍ରତିଯଗୀ ଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ, ଅନ୍ୟ ତମ ଅତିଥି ଜିଲ୍ଲା କାରାଗାର ଉପ ସହ କାରପାଳ ଘନଶ୍ୟାମ ନାୟକ , କାରାଗାର ର କାରା ମଙ୍ଗଳ ଅଧିକାରୀ ଜୟରାମ ମେହେର, ଏବଂ ବାଲେଶ୍ୱର ଜିଲ୍ଲା ପରିବେକ୍ଷଣ ଅଧିକାରୀ ଦ୍ୱେୀ ପ୍ରସାଦ ଦାସ ଉପସ୍ଥିତ ରହି ନିଜର ଅଭିଭାଷଣ ଦେବା ସହ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ, ଏବଂ ବିଭିନ୍ନ ବ୍ଲକ ରୁ ଆସିଥିବା କ୍ଲବ ବିର୍ସା ମୁଣ୍ଡା ମୁଣ୍ଡାରୀ ନୃର୍ତ୍ୟ (ନୀଳଗିରି ), ମା ମହାବଳି ଆଦିବାସୀ କ୍ଲବ (ନୀଳଗିରି ) ଉତକଳା ମହିଳା ସଂଗଠନ (ସଦର ) ରେ ହୋପ ଫାଉଂଡେସନ ଏମିତି ଅନେକ ଅନୁଷ୍ଠାନ ର ସଦସ୍ୟ ସଦସ୍ୟା ମାନେ ଗଛ ଲଗାଇ ପରିବେଶ ଦିବସ କୁ ପାଳନ କରିଥିଲେ ଚଳିତ ବର୍ଷ ବିଭିନ୍ନ ବ୍ଲକ ରୁ କିଛି ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ଙ୍କୁ ମାନପତ୍ର ଓ ଉପାଧଉକନ ଦେଇ ସନମାନିତ କରାଯାଇଥିଲା ସେମାନେ ହେଲେ ଭୋଗରାଇ ରୁ ମନିଷ୍ଣା ଭଞ୍ଜ, ନୀଳଗିରି ରୁ ବର୍ଷା ରାଣୀ ସିଂ, ସୋର ରୁ ସୁବ୍ରାଂଶୁ ଶେଖର ସାହୁ, ବାହାନଗା ରୁ ବିଭୁତି ଭୂଷଣ ତ୍ରିପାଠୀ. ପରିଶେଷରେ ଉତ୍କଳା କଲଚୁରଲ ଅଧକ୍ଷ ବିକ୍ରମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ.ଏହି ସଭା ରେ ଉତ୍କଳା କଲଚୁରାଲ ର ଶୁଭଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ, ମେଘମାଳା ମଲିକ,ଦେବୀପ୍ରସାଦ ଦାସ,ଜୟସ୍ମିତା ବେହେରା, ଅର୍ପଣ କ୍ରିଷ୍ଣା ଦେ, ଶୁଭମ ସିଂହ,ପ୍ରମୁଖ ଯୋଗଦାନ କରିଥିଲେ ।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ

ବାଲେଶ୍ୱର(ନି.ପ୍ର.): ସମଗ୍ର ଓଡ଼ିଶାରେ ପ୍ରଥମକରି ରାଜଧାନୀ ଭୁବନେଶ୍ୱରରେ ଗଠନ ହୋଇ ରେଜେଷ୍ଟ୍ରି ଭୁକ୍ତ ହୋଇଥିବା ସାମାଜିକ ସଙ୍ଗଠନ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)'ର ବାଲେଶ୍ୱର ଜିଲ୍ଲା ଶାଖାର ସାଙ୍ଗଠନିକ ବୈଠକ ୩ ତାରିଖ ପୂର୍ବାହ୍ନରେ ସହରସ୍ଥ ମଟର ୟୁନିୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ରାଜ୍ୟ ଶାଖାର ସଂପାଦକ ମନମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଶାଖାର ଉପସଭାପତି ଅର୍ଜ୍ଜୁନ ଚରଣ ସାମନ୍ତରାୟ ଯୋଗଦେଇ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ଗଠିତ ଏହି ରାଜ୍ୟ ସ୍ତରୀୟ ସଙ୍ଗଠନର ବାଲେଶ୍ୱର ଜିଲ୍ଲା ଶାଖାକୁ ପୁର୍ନଗଠିତ କରି କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ଦିଗରେ ବିଶେଷ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ କରି ଖୋଲାଯାଉଥିବା ଶତାଧିକ ମଦ ଦୋକାନ ସହ ପ୍ରତି ଅଂଚଳରେ ଅବାଧ ମଦ କାରବାର ଫଳରେ ନିଶାଡ଼ିଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିପାଇ ନାନା ଦୁର୍ଘଟଣା ଘଟିବା ସହ ଜନଜୀବନ ଦୁର୍ବିସହ ହୋଇପଡ଼ୁଛି । ଏତେବେଳେ ନିଶା ମୁକ୍ତ ଓଡ଼ିଶା ଗଠନ ସମସ୍ତଙ୍କ ପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି । ଦଳମତ ଉର୍ଦ୍ଧ୍ୱରେ ଓଡ଼ିଶା ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ମତପୋଷଣ କରିଥିଲେ । ବୈଠକରେ ମୟୂରଭଞ୍ଜ ଜିଲ୍ଲା ଶାଖାର ସଂପାଦିକା ମାଧବୀ ସେନାପତିଙ୍କ



ସମେତ ଡ. କାଳୀପଦ ପଣ୍ଡା, ଅଶୋକ କୁମାର ଜେନା, ସାଧୁଚରଣ ମଲ୍ଲିକ, ବିଜୟ କୁମାର ପାତ୍ର, ନିରଞ୍ଜନ ବେହେରା, ଷ୍ଟାଲିନ୍ ମିଶ୍ର, ପ୍ରଫୁଲ୍ଲ କୁମାର ପାତ୍ର, ସନାତନ ମହାନ୍ତି, ଅମରେନ୍ଦ୍ର ନାୟକ, ବୈଦ୍ୟନାଥ ମୁର୍ମୁ, ମୀନକେତନ ବେହେରା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସାଗେନ ମାଝି, ଗଣେଶ ହେମ୍ବ୍ରମ, ହରିଶ ନନ୍ଦ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅତିଶୀଘ୍ର ବାଲେଶ୍ୱର ଜିଲ୍ଲା ଶାଖାକୁ ପୁର୍ନଗଠନ କରି ନୂତନ କର୍ମକର୍ତାଙ୍କ ନାମ ଘୋଷଣା କରାଯିବା ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ତେବେ ବର୍ତମାନ ପାଇଁ ଜିଲ୍ଲା ଶାଖାର ଯୁଗ୍ମଆବାହକ ଭାବେ ଡ. କାଳୀପଦ ପଣ୍ଡା ଓ ଶ୍ରୀ ଆଶୋକ ଜେନାଙ୍କୁ ସର୍ବସମ୍ମତି ଭାବେ ମନୋନୀତ କରାଯାଇଥିଲା ।

# ଡ. କାଳୀପଦ ପଣ୍ଡାଙ୍କ 'ଚିନ୍ତା ଅନୁଚିନ୍ତା' ଗ୍ରନ୍ଥ ଏବଂ ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ'ର ପ୍ରିୟ ଶିକ୍ଷକ ବିଶେଷାଙ୍କ ଉନ୍ମୋଚିତ

ବାଲେଶ୍ୱର(ନି.ପ୍ର.): ସାହିତ୍ୟିକ, ସଂପାଦକ ଓ ପ୍ରକାଶକ ଡ. କାଳୀପଦ ପଣ୍ଡାଙ୍କ ଜନ୍ମଦିନ ଅବସରରେ ୧ ତାରିଖ ସଂଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ ସଭାଗୃହରେ ଏକ ବର୍ଣ୍ଣାଢ଼୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପକ ତଥା ଲେଖକ ଡ. ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ. ପଣ୍ଡାଙ୍କର ପଂଚମ ପ୍ରବନ୍ଧ ପୁସ୍ତକ 'ଚିନ୍ତା ଅନୁଚିନ୍ତା' ସହ ତାଙ୍କ ସଂପାଦିତ ସାହିତ୍ୟ ପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣ ଶ୍ରୀ'ର ମୋ ପ୍ରିୟ ଶିକ୍ଷକ ବିଶେଷାଙ୍କର ଶୁଭ ଉନ୍ମୋଚନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ଡ. ଅରବିନ୍ଦ ଗିରି, ଡ. ରାଧାରଂଜନ ପଟ୍ଟନାୟକ, ଔପନ୍ୟାସିକ ତଥା ଧ୍ୱନିପ୍ରତିଧ୍ୱନିର



ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ଯୋଗ ଦେଇ ଡ. ପଣ୍ଡାଙ୍କ ଶିକ୍ଷଣୀୟ ଓ ତଥ୍ୟଧର୍ମୀ ଉପାଦେୟ ପ୍ରବନ୍ଧ ସମୂହର ଆଲୋଚନା ସହ ସୁବର୍ଣ୍ଣଶ୍ରୀର ବିଶେଷାଙ୍କ ଗୁଡ଼ିକ କିଭଳି ପାଠକୀୟ ଆଦରଲାଭ କରିଛି ସେ ସଂପର୍କରେ ଆଲୋକପାତ କରିଥିଲେ । ଆକାଶବାଣୀର ଉପସ୍ଥାପିକା ମିତା ପଟ୍ଟନାୟକ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଡ. କେଶବଚରଣ ପଣ୍ଡା ବେଦମନ୍ତ୍ର ପାଠ କରି ଶ୍ଳୋକାବୃତି କରିଥିବା ବେଳେ ଡ. ପଣ୍ଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଶତାଧିକ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନ ପ୍ରଦାନ କରାଯାଇଥିଲା । ଅତିଥି ମାନେ ଛୋନପୋଡ଼ କାଟି ଡ. ପଣ୍ଡାଙ୍କୁ ଖୁଆଇବା ପରେ ସମସ୍ତଙ୍କୁ ବ[ନ କରାଯାଇଥିଲା । ଉତ୍ସବରେ ଡ. ପଣ୍ଡା ତାଙ୍କ ୪୦ ବର୍ଷର ସାରସ୍ୱତ ଜୀବନର କିଛି ଅଭୁଲା ସ୍ମୃତି ରାମନ୍ଥନ କରିଥିଲେ । ଝାଡ଼େଶ୍ୱର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ଡ. ବିଜୟ କୁମାର ମହାନ୍ତି, ଡ. ମଧୁରାନାଥ ହୋତା, କବି ଅଭୟ ଦାସ, କବି ପ୍ରଶାନ୍ତ ଦାସ, ଆଡଭୋକେଟ୍ ବିଜୟ ପାଣିଗ୍ରାହୀ, ସୁଧାକର ସେଠୀ, ଅଭିନନ୍ଦନର ସଂପାଦକ ଜଗଦୀଶ ମିଶ୍ର ପ୍ରମୁଖ ଏହି ଉତ୍ସବରେ ପୁସ୍ତକ ଓ ପତ୍ରିକା ଉନ୍ମୋଚନ ପର୍ବରେ ଯୋଡ଼ି ହୋଇଥିଲେ । ପ୍ରେକ୍ଷାଳୟରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଏବଂ ସହରର ଶତାଧିକ ଲେଖକ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ୭୦ ଜଣ ଲେଖକ ସେମାନଙ୍କର ନିଜ ନିଜର ପ୍ରିୟ ଶିକ୍ଷକଙ୍କ ଉପରେ ଲେଖିଥିବା ଲେଖାରେ ସମୃଦ୍ଧ ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ ପତ୍ରିକା ସମସ୍ତଙ୍କ ପାଇଁ ଏକ ସୁଖପାଠ୍ୟ ପତ୍ରିକା ବୋଲି ଉତ୍ସବରେ ମତ ପୋଷଣ କରିଥିଲେ ଅତିଥିବର୍ଗ ।

# ନୀଳମଣି କଲେଜରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର

ବାଲେଶ୍ୱର(ନି.ପ୍ର.): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ - ଜଳବାୟୁ ପାଇଁ - ଆମ ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ପ୍ରକୃତିବନ୍ଧୁ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସୁମନ୍ତ



କୁମାର ଜେନା, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ବିଷୟ ବିଶେଷଜ୍ଞ ଭାବରେ ପ୍ରାକ୍ତନ ଅଧ୍ୟାପକ ବିଜୟ କୁମାର ବେହେରା, ପ୍ରାକ୍ତନ ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ, ସନ୍ତୋଷ କୁମାର ପ୍ରଧାନ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ଜଳବାୟୁ ପରିବର୍ତନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧିକରୁ ଅଧିକ ବୃକ୍ଷ ରୋପଣ, ପ୍ଲାଷ୍ଟିକ ପ୍ରସ୍ତୁତ ଦ୍ରବ୍ୟ ବ୍ୟବହାର ପ୍ରତିହତ ସମେତ ସର୍ବସାଧାରଣ ଯାନବାହନର ବ୍ୟବହାର ମାଧ୍ୟମରେ ପରିବେଶ ପ୍ରଦୂଷଣକୁ ରୋକାଯାଇ ପାରିବ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ପରିବେଶ ସୁରକ୍ଷା ଦିଗରେ ପ୍ରକୃତି ବନ୍ଧୁ ରବୀନ୍ଦ୍ର ବେହେରା ଓ ହରିନାରାୟଣ ସାହୁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ବୀଣାପାଣି ଗିରି, ଦୀନେଶ କୁମାର ଜେନା, ଯଜ୍ଞେଶ୍ୱର ଗିରି, ରଶ୍ମିତା ବେହେରା, ରାଜେନ୍ଦ୍ର ଦାସ, ପ୍ରିୟବ୍ରତ ମୁର୍ମୁ, କାନ୍ଦନ ହେମ୍ବ୍ରମ, ମାନସୀ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ, ରହିମୁନା ଖାତୁନ, ଜୟସ୍ମିତା ପରିଡ଼ା ଓ ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନିରଞ୍ଜନ ମହାଳିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବଉଳ ଚାରା ରୋପଣ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିତେନ୍ଦ୍ର କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ୨୨ରେ

ବାଲେଶ୍ୱର(ନି.ପ୍ର.) ବାଲିଆପାଳ ଥାନା ଅନ୍ତର୍ଗତ ମଇଁଷାମୁଣ୍ଡା ଗ୍ରାମର ଝାଟୁ ସାହୁଙ୍କ ପୁତ୍ର ଗୋପାଳ ଚନ୍ଦ୍ର ସାହୁ ଯିଏକି ଶିଳ୍ପାଂଚଳ ଥାନାରେ ଗତ ୫ ତାରିଖ ଦିନ ଏକ ଅଭିଯୋଗପତ୍ର ଦାଖଲ କରିଥିଲେ ହେଁ ଏଯାଏଁ ତାଙ୍କୁ ଏତଲା କପି ନଦେବା, ଥାନା କର୍ତୃପକ୍ଷ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏମିତିକି ଫିଜିକାଲ କଲେଜର ପ୍ରିନ୍ସିପାଲ ବିନୟ କୁମାର ସାହୁ ଯିଏକି ଗୋପାଳ ସାହୁଙ୍କୁ ବାରମ୍ବାର ଜୀବନରୁ ମାରିଦେବା ପାଇଁ ଧମକ ଚମକ ଦେଇ ଇତ୍ୟାଦି ଘଟଣା ଶିଳ୍ପାଂଚଳ ଥାନାରେ ଅଭିଯୋଗ ହୋଇଥିଲେ ହେଁ ଗୋପାଳ ସାହୁଙ୍କୁ ଏଯାଏଁ ଥାନା କର୍ତୃପକ୍ଷ ଏତଲା କପି ନଦେଇ ତାଙ୍କ ସହିତ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୨୨.୬.୨୬ ତାରିଖ ପୂର୍ବାହ୍ନ ୧୦ଘଟିକାରେ ଗୋପାଳ ଚନ୍ଦ୍ର ସାହୁ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଓ ଆତ୍ମାହୂତି ଦେବାପାଇଁ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଏସପି, ବାଲିଆପାଳ ଆଇଆଇସିଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି ।

## ଜଙ୍ଗଲରୁ ବୃଦ୍ଧଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଓଲନ୍ଦା ସାରଗାଁ ଅଂଚଳରେ ଏକ ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ପ୍ରାୟ ୨୦ରୁ ୨୫ ଦିନ ଧରି ନିଖୋଜ ଥିବା ଜଣେ ବୃଦ୍ଧଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ସ୍ଥାନୀୟ ଜଙ୍ଗଲରୁ ଉଦ୍ଧାର ହୋଇଛି । ମୃତ ବ୍ୟକ୍ତି ହେଲେ ଓଲନ୍ଦା ସାରଗାଁର ୬୦ ବର୍ଷୀୟ କୈଳାସ ପ୍ରଧାନ ।ସୂଚନା ଅନୁଯାୟୀ, ଗାଁର କିଛି ମହିଳା ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ମାନବ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ହାଡ଼ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ । ପରେ ସେମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀଙ୍କ ସୂଚନା ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା ।ଘଟଣାସ୍ଥଳରୁ ମୃତକ ନିଖୋଜ ହେବା ଦିନ ପିନ୍ଧିଥିବା ଲୁଙ୍ଗି ଓ ବେନିଅନ୍ ମଧ୍ୟ ଜବତ କରାଯାଇଛି । ଶରୀରର ବିଭିନ୍ନ ଅଙ୍ଗ ଅଲଗା ଅଲଗା ସ୍ଥାନରେ ପଡ଼ିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇପାରେ ବୋଲି ସ୍ଥାନୀୟ ଲୋକମାନେ ସନ୍ଦେହ ପ୍ରକାଶ କରୁଛନ୍ତି ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର ଶୁଭ ଶିଳାନ୍ୟାସ

ବାଲେଶ୍ୱର(ନି.ପ୍ର.) ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼, ଆଧୁନିକ ଏବଂ ଶିଶୁ-ଅନୁକୂଳ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା"ର ଦ୍ୱିତୀୟ ପର୍ଯ୍ୟାୟର ଶୁଭ ଶିଳାନ୍ୟାସ ଆଜି ସକାଳ ୧୧.୦୦ ଘଟିକାରେ ଖୋର୍ଦ୍ଧା ଜିଲ୍ଲାର କୁମାରବସ୍ତସ୍ଥିତ ଶ୍ରୀ ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କରାଯାଇଥିଲା ।ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ସଂଯୋଗ ସ୍ଥାପନ କରିଥିଲେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୦୪ଟି ପ୍ରାଥମିକ ବିଦ୍ୟାଳୟର



ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଗେଙ୍ଗୁଟି ଉପ୍ରା ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା କ୍ଷେତ୍ରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ସଭାପତି, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଳବ୍ୟ, ସ୍ଥାନୀୟ ସରପଂଚ ଶ୍ରୀମତୀ ମଞ୍ଜୁଲତା ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଐତିହାସିକ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ । ଏହି ସମୟରେ ଉକ୍ତ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଶ୍ରୀ ଆୟୁଷ କୁମାର ଘୋଡ଼ାଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କଥା ବାର୍ତା ହୋଇଥିଲେ । ବାଲେଶ୍ୱର ଜିଲ୍ଲାର ମୋଟ ୧୨ ଗୋଟି ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶୁଭ ଶିଳାନ୍ୟାସ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷା ପରିବେଶ, ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ ଶିକ୍ଷଣ ବ୍ୟବସ୍ଥା, ପୁସ୍ତକାଳୟ, କ୍ରୀଡ଼ା ସୁବିଧା, ସୁରକ୍ଷିତ ପାନୀୟ ଜଳ ଏବଂ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପଲବ୍ଧ କରାଯିବ ।





# ନୀଳଗିରିରେ ବିଜେପିର ସଂଗଠନ ସୁଦୃଢ଼:
## ବିଭିନ୍ନ ଦଳରୁ ବହୁ ନେତା ଓ କର୍ମୀଙ୍କ ବିଧିବଦ୍ଧ ଯୋଗଦାନ

ନୀଳଗିରି, (ନିପ୍ର) ଆଜି ରବିବାର ପୂର୍ବାହ୍ନରେ ନୀଳଗିରି ବିଜେପି କାର୍ଯ୍ୟାଳୟ ପରିସରରେ ଏକ ବିଶାଳ 'ମିଶ୍ରଣ ପର୍ବ' ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜୀ ଏବଂ ବରିଷ୍ଠ ନେତା ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳରୁ ବହୁ ନେତା ଓ କର୍ମୀ ବିଜେପି ପରିବାରରେ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଔପଦା ବ୍ଲକ ୦୧ ନମ୍ବର ଜୋନ୍?ର ପ୍ରମୁଖ ସକ୍ରିୟ କର୍ମକର୍ତାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ବିଜେପିର ପତାକା ଧରିଛନ୍ତି । ସାମିଲ ହୋଇଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ଅନନ୍ତ ପ୍ରସାଦ ମହାନ୍ତି (ପୂର୍ବତନ ସାଧାରଣ ସଂପାଦକ, ବିଜେଡ଼ି), ଭଗବାନ ଚରଣ





ନାୟକ (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ), ରମାକାନ୍ତ ପଣ୍ଡା (ପୂର୍ବତନ ଅଧ୍ୟକ୍ଷ, ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ), ହରେକୃଷ୍ଣ ନାୟକ (ବରିଷ୍ଠ ସମାଜ ସେବୀ, ତଳକିଆ ପଂଚାୟତ), ସଂଗ୍ରାମ କୁମାର ନାୟକ (ଯୁବ ନେତା, ଔପଦା), ନିଶାକର ଦାସ, ରାମଚନ୍ଦ୍ର ସିଂ, ବାପୁନ ସିଂ ଓ ଗୁରୁବା ସିଂ ପ୍ରମୁଖ ଅଛନ୍ତି ।ନୀଳଗିରିର ମାନ୍ୟବର ବିଧାୟକ ଶ୍ରୀ ସନ୍ତୋଷ ଖଟୁଆଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ସାଧାରଣ ସଂପାଦକ ଚନ୍ଦ୍ର ଶେଖର ନନ୍ଦ, ୧୩ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଗତି କୃଷ୍ଣ ନନ୍ଦ, ନୀଳଗିରି ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଯୁବ ନେତା ସମର ଶଙ୍କର କାନୁନଗୋ, ମନୋରଞ୍ଜନ ମହାନ୍ତି, ନୀଳଗିରି ବ୍ଲକ ବିଧାୟକ ପ୍ରତିନିଧି କୃତିବାସ ବେହେରା, ଶିଶିର ରାଉତ (ବରିଷ୍ଠ ନେତା), ରବୀନ୍ଦ୍ର ନାୟକ (ବରିଷ୍ଠ ନେତା) ଏବଂ ଔପଦା ଅଂଚଳର ଟାଣୁଆ ନେତା ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ ।ଏହି ଯୋଗଦାନ ଦ୍ୱାରା ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେପିର ସଂଗଠନ ଆହୁରି ମଜବୁତ ହେଲା ବୋଲି ଦଳୀୟ ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି ।

# ନୂଆପଡ଼ାର ଦୁଇ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

ନୂଆପଡ଼ା(ନି.ପ୍ର.) ନୂଆପଡ଼ା ଜିଲ୍ଲାର ଜେଞ୍ଜୋରା ଓ କୁକୁଡ଼ାତାଳ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରିବା ପାଇଁ ଶିଳାନ୍ୟାସ ଉତ୍ସବ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଭାସୀ ମାଧ୍ୟମରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।ନୂଆପଡ଼ା ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ, ଜେଞ୍ଜୋରା ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁକୁଡ଼ାତାଳକୁ ଏହି ଯୋଜନାରେ ସାମିଲ କରାଯାଇ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ । ଏହି ଯୋଜନା ଅଧୀନରେ ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପରୀକ୍ଷାଗାର, ସମୃଦ୍ଧ ପାଠାଗାର, ଉନ୍ନତ ଶିକ୍ଷଣ ଉପକରଣ ସମେତ ବିଭିନ୍ନ ଭିତିଭୂମି ସୁବିଧା ସୃଷ୍ଟି କରାଯିବ ।ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଜେଞ୍ଜୋରାଠାରେ ଜିଲ୍ଲାସ୍ତରୀୟ ଉତ୍ସବ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି କ୍ଷ କାର୍ଯ୍ୟକ୍ରମରେ ନୂଆପଡ଼ା ମାନ୍ୟବର ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଶିକ୍ଷାର ଗୁଣାତ୍ମକ ବିକାଶରେ ସହାୟକ ହେବ ବୋଲି କହିଥିଲେ ।ଖଡ଼ିଆଳ ରୋଡ଼ ଏନ୍?ଏସି ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ପଂଚାୟତ ସମିତି ସଦସ୍ୟା କୁନ୍ତୀବାଇ ସାହୁ ଏବଂ ବିଶିଷ୍ଟ ଶିକ୍ଷାବିତ ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ, କୋରାପୁଟ, ବାଲେଶ୍ୱର ଓ ନୂଆପଡ଼ା ଜିଲ୍ଲାର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ । ନୂଆପଡ଼ା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତା କରି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ବିଦ୍ୟାଳୟର ଭିତିଭୂମିର ଉନ୍ନତି ସହ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବେ ସେ ସମ୍ପର୍କରେ ମତ ରଖିଥିଲେ ।କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ମଧୁସୂଦନ ଦାଶ କହିଥିଲେ ଯେ, ଏହି ଯୋଜନା ଜିଲ୍ଲାର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତନ ଆଣିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ସହାୟକ ହେବ । ଉନ୍ନତ ଶିକ୍ଷା ଭିତିଭୂମି ଏବଂ ଆଧୁନିକ ଶିକ୍ଷଣ ସୁବିଧା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ସୁପକାରଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଗ୍ରାମବାସୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ରବି ଧାନ ଅଧିଗ୍ରହଣ: ନୂଆପଡ଼ାରେ ଅଣଚାଷୀଙ୍କ ଗୋଦାମରେ ଚଢ଼ାଉ, ୪୭ କ୍ୱିଂଟାଲ ଧାନ ଜବତ

ନୂଆପଡ଼ା, (ନି.ପ୍ର) ନୂଆପଡ଼ା ଜିଲ୍ଲାରେ ଧାନର ଅବୈଧ ମହଜୁଦ ଓ ବେଆଇନ କାରବାର ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି କ୍ଷ ଆଜି ନୂଆପଡ଼ା ଏନ୍?ଏସି ଅନ୍ତର୍ଗତ ମନ୍ଦିରପଡ଼ାସ୍ଥିତ ଏକ ରାସ୍ତାକଡ଼ ଭଡ଼ା ଗୋଦାମ ଉପରେ ଚଢ଼ାଉ କରାଯାଇ ୪୭.୭୦ କ୍ୱି[ାଲ ଧାନ ଜବତ କରାଯାଇଛି ।ଯୋଗାଣ ବିଭାଗର ସୂଚନା ଅନୁଯାୟୀ, ଅଣଚାଷୀ ରବୀନ୍ଦ୍ର ଗୁପ୍ତାଙ୍କ ଦ୍ୱାରା ଉକ୍ତ ଗୋଦାମରେ ଧାନ ମହଜୁଦ ରଖାଯାଇଥିବା ଅଭିଯୋଗରେ ପ୍ରଶାସନ ପକ୍ଷରୁ ଯାଂଚ କରାଯାଇଥିଲା । ଯାଂଚ ସମୟରେ ୧୬୪ଟି ବସ୍ତାରେ ଗଚ୍ଛିତ ଥିବା



ମୋଟ ୪୭.୭୦ କ୍ୱି[ାଲ ଧାନ ଜବତ କରାଯାଇଥିଲା ।ଏହି ଚଢ଼ାଉ ଓ ଜବତ କାର୍ଯ୍ୟରେ ନୂଆପଡ଼ା ଅତିରିକ୍ତ ତହସିଲଦାର ଜଗଜୀବନ ମାଝୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ସହକାରୀ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ ଏବଂ ଯୋଗାଣ ନିରୀକ୍ଷିକା ଶୁଭଶ୍ରୀ ଦାଶ ଉପସ୍ଥିତ ରହିଥିଲେ । ଧାନର ଉତ୍ସ ଓ ମହଜୁଦ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଯାଂଚ କରାଯାଉଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଅବୈଧ ଧାନ ମହଜୁଦ, ପରିବହନ ଓ କଳାବଜାରୀ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଂଚ ଏବଂ ଚଢ଼ାଉ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କୁହାଯାଇଛି ।

## ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ଅସମ୍ମାନ
# ଚିଠି ଲେଖି ଡାକିଲେ, ମଂଚରେ ବସାଇବାକୁ ଭୁଲି ଗଲେ

ଧାମନଗର, (ନି.ପ୍ର.) ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆଜି ଦେଶ ସ୍ୱାଧୀନ, ସେହି ବୀର ସନ୍ତାନଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ରାଜନୈତିକ ନେତାମାନେ କିଭଳି ଅସମ୍ମାନ କରିପାରନ୍ତି, ତାର ଏକ ଜ୍ୱଳନ୍ତ ଉଦାହରଣ ଆଜି ଧାମନଗର ବ୍ଲକ ବୟାଙ୍ଗଡିହି ପଂଚାୟତରେ ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଶିଳାନ୍ୟାସ ଉତ୍ସବ ଅବସରରେ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ ଅତିଥି ଭାବେ ଡାକି ମଂଚ ତଳେ ଅପମାନିତ କରାଯାଇଥିବା ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧାମନଗର ବ୍ଲକର ବୟାଙ୍ଗଡିହି ଠାରେ ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସ୍ଥାନୀୟ ସ୍ତରରେ ଏକ ଶିଳାନ୍ୟାସ ଉତ୍ସବର ଆୟୋଜନ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଠି ସଂଖ୍ୟା ୬୭/୨୬ ଜରିଆରେ ସ୍ଥାନୀୟ ଅଂଚଳର ଗର୍ବ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୯୮ ବର୍ଷୀୟ ବ୍ରଜକିଶୋର ରାଉତଙ୍କୁ ନିମନ୍ତ୍ରଣ କରିଥିଲେ । ସରକାରୀ ଆହ୍ୱାନକୁ ସମ୍ମାନ ଜଣାଇ ସଂଗ୍ରାମୀ ବ୍ରଜକିଶୋର ନିର୍ଦ୍ଧାରିତ ସମୟରେ ସଭାସ୍ଥଳରେ ପହଂଚିଥିଲେ । ମାତ୍ର ସେତେବେଳକୁ ମଂଚ ଉପରେ ବିଇଓ ପ୍ରଫୁଲ୍ଲ ସାହୁ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପାତ୍ର, ସମାଜସେବୀ ସୁବ୍ରତ ସାମଲ ଏବଂ ସ୍ଥାନୀୟ ସରପଂଚଙ୍କ ପରିବାର ଲୋକେ ଆସନ ଗ୍ରହଣ କରି ସାରିଥିଲେ । ଆଶ୍ଚର୍ଯ୍ୟର ବିଷୟ, ସଭାସ୍ଥଳରେ ପହଂଚିଥିବା ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କ ପାଇଁ ମଂଚରେ କୌଣସି ଆସନ ଖାଲି ନଥିଲା କି କେହି ଜଣେ ହେଲେ ସରକାରୀ ବା ରାଜନୈତିକ ବ୍ୟକ୍ତି ତାଙ୍କୁ ସମ୍ମାନର ସହ ମଂଚକୁ ଡାକିବା ଉଚିତ୍ ମଣିନଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ଦେଶାତ୍ମବୋଧର ଭାବନାରେ ଉଦ୍?ବୁଦ୍ଧ ସଂଗ୍ରାମୀ ବ୍ରଜକିଶୋର ଜଣେ ସାଧାରଣ ଲୋକଙ୍କ ଭଳି ମଂଚ ତଳେ ଛିଡ଼ାହୋଇ ଆଖିର ଆଖିଏ ଲୁହଭରି ହାତ ଯୋଡ଼ି ସଙ୍ଗୀତ ଗାନ କରିଥିଲେ, କିନ୍ତୁ ଅଭିମାନୀ ମଂଚାସୀନ ବ୍ୟକ୍ତିବିଶେଷଙ୍କ ଆଖି ତାଙ୍କ ଉପରେ ପଡ଼ିନଥିଲା । ଏହି ସମ୍ବେଦନଶୀଳ ଦୃଶ୍ୟକୁ ସେଠାରେ ଉପସ୍ଥିତ ଜଣେ ସ୍ଥାନୀୟ ସାମ୍ବାଦିକ ନିଜ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ପରେ ସଭାସ୍ଥଳରେ ହଟଚମଟ ସୃଷ୍ଟି ହୋଇଥିଲା ।ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ଏବଂ ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ଚେତା ଫେରିଥିଲା ପ୍ରଶାସନର । ମଂଚରେ ଥିବା ବ୍ୟକ୍ତିମାନେ ତରବରିଆ ଭାବେ ତାଙ୍କୁ ମଂଚକୁ ଡାକିବାକୁ ଚେଷ୍ଟା କରିଥିଲେ, ମାତ୍ର ସେଠାରେ ମଧ୍ୟ ଅଜ୍ଞତାର ସୀମା ପାର୍ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ମଂଚରୁ ଡାକିବା ବେଳେ 'ସ୍ୱାଧୀନତା ସଂଗ୍ରାମୀ ଗଣେଶ୍ୱର ରାଉତ ମଂଚକୁ ଆସନ୍ତୁ' ବୋଲି ଭୁଲ୍ ନାଁରେ ସମ୍ବୋଧନ କରାଯାଇଥିଲା, ଯାହା ସେମାନଙ୍କର ସଂଗ୍ରାମୀଙ୍କ ପ୍ରତି ଥିବା ଆନ୍ତରିକତା ଓ ସମ୍ମାନବୋଧର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି ।ବୟାଙ୍ଗଡିହି ଗାଁର ବ୍ରଜକିଶୋର ରାଉତ ଜଣେ ନାମୀ ସ୍ୱାଧୀନତା ସଂଗ୍ରାମୀ । ଗତ ୨୦୨୦ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ 'ସ୍ୱତନ୍ତ୍ରତା ସୈନିକ ସମ୍ମାନ ଯୋଜନା'ରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ପକ୍ଷରୁ ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ରଞ୍ଜନ ଦାସ ଓ ବିଡିଓ ଦୁର୍ଗାଚରଣ ମୁର୍ମୁ ନିଜେ ବ୍ରଜକିଶୋରଙ୍କ ବାସଭବନରେ ପହଂଚି ତାଙ୍କୁ ସମ୍ମାନିତ କରିଥିଲେ । ଅଂଚଳ ରେ ଏଭଳି ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ବୋଲି ଜାଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଠି ଲେଖିଲେ ସତ, ମାତ୍ର ସଭାସ୍ଥଳରେ ତାଙ୍କୁ ଉପଯୁକ୍ତ ପ୍ରୋଟୋକଲ୍ ଓ ସମ୍ମାନ ଦେବାକୁ ଭୁଲିଗଲେ । ନେତା ଓ ସରକାରୀ ବାବୁ ମାନଙ୍କର ଏଭଳି ବେଖାତିର ମନୋଭାବକୁ ଧାମନଗର ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# ବିଶ୍ୱ ସାଇକେଲ ଦିବସ ପାଳନ କଲେ ଖଡିଆଲ ବନ ବିଭାଗ

ନୂଆପଡ଼ା (ନି.ପ୍ର) ଆଜି ବିଶ୍ୱ ବାଇସାଇକେଲ ଦିବସ । ସେଥିପାଇଁ ଖଡ଼ିଆଳ ବନ ବିଭାଗ ତରଫରୁ ଏକ ସାଇକେଲ ରେଲି କରା ଯାଇଥିଲା । ମିଶନ ହସ୍ପିଟାଲ ଠାରେ ଏହାକୁ ଉଦଘାଟନ କରିଥିଲେ ଡାକ୍ତର ନିବେଦିତା ପରମାଣିକ । ପରେ ଖଡ଼ିଆଳ ସହର ରେଲି କରାଯାଇ ପରିବେଶ ସୁରକ୍ଷା ସହ ସୁସ୍ଥ ରହିବା ପାଇଁ ଅନ୍ତତଃ ସପ୍ତାହକୁ ଗୋଟିଏ ଦିନ ସାଇକେଲ ଚଳାଇବା ପାଇଁ ଆହ୍ୱାନ ଦିଆ ଯାଇଥିଲା ।



ଖଡ଼ିଆଳ ଏ ସି ଏଫ୍ ପ୍ରସନ୍ନଜିତ୍ ନାଏକ୍ ଉପସ୍ଥିତ ରହି ସାଇକେଲ ଚଳାଇବା ଦ୍ୱାରା ଶାରୀରିକ ସୁସ୍ଥତା ରହିଥାଏ ଓ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ ଏଣୁ ପ୍ରତ୍ୟେକ ରବିବାର ଦିନ ସାଇକେଲ ଚାଳନ୍ତୁ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବନ ବିଭାଗ ସହ, ମେଡିକାଲ କର୍ମଚାରୀ, ଛାତ୍ର ଛାତ୍ରୀ ଓ ସାମ୍ବାଦିକ ମାନେ ଅଂଶଗ୍ରହଣ କରିଥିଲେ ।

# ଆଭାସୀ ମାଧ୍ୟମରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ

ବାଲିଆପାଳ,(ନି.ପ୍ର) ବାଲିଆପାଳ ବ୍ଲକ ବଳରାମପୁର ପଂଚାୟତର ଗଦାଧର ଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର ରେ ରବିବାର ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଆଭାସୀ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ ଟି ପ୍ରାଥମିକ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ କରି ବକ୍ତବ୍ୟ ରେ କହିଛନ୍ତି ଯେ ଏହି ବିଦ୍ୟାଳୟରେ ଉଚ୍ଚ କୋଟୀର ସ୍ମାର୍ଟ କ୍ଲାସ ରୁମ, ବିସ୍ତୃତ ଖେଳ ପଡ଼ିଆ, ପାଠାଗାର ଓ ପଠନ କେନ୍ଦ୍ର,



ବିଜ୍ଞାନାଗାର, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଛାତ୍ରୀ ଓ ଛାତ୍ର ନିବାସ ଭଳି ବିଭିନ୍ନ ବ୍ୟବସ୍ଥା ରହିବ । ମୁଖ୍ୟ ମନ୍ତ୍ରୀଙ୍କ ଆଭାସୀ ରେ ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସମାପନ ପରେ ସୁନାରୁଇ ଗଦାଧର ଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ଏବଂ ବଳରାମପୁର ପଂଚାୟତର ସରପଂଚ ଅରୁଣ କୁମାର ପାଣିଗ୍ରାହୀ ଅତିଥି ଭାବରେ ଯୋଗ ଦେଇ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ବି ଆର ସି ସି କମ ଏବିଓ ବଂଶୀଧର ନାୟକ, ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ସଭାପତି ବିଶ୍ୱମ୍ଭର ପାତ୍ର, ସମ୍ପାଦକ ପୁର୍ନେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ନିତ୍ୟାନନ୍ଦ ପାଣିଗ୍ରାହୀ, ସମିତି ସଦସ୍ୟ ମୀନ କେତନ ଦାସ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ହରେନ୍ଦ୍ର ନାଥ ବେହେରା, ବିଜୟ କୁମାର ପାତ୍ର ଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଧନେଶ୍ୱର ମାରାଣ୍ଡି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ବ୍ୟୋମକେଶ ସାହୁ ଙ୍କ ସହିତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟ ର ସମସ୍ତ ଛାତ୍ରୀ ଛାତ୍ର,ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଜଳେଶ୍ୱରରେ ବିଶାଳ ମହିଳା ବିଜେଡି ସମାବେଶ

ଜଳେଶ୍ୱର (ନି .ପ୍ର) ଜଳେଶ୍ୱର ନୂଆ ବଜାର ସ୍ଥିତ ମୁରଲୀ କଲ୍ୟାଣ ମଣ୍ଡପ ରେ ମହିଳା ବିଜେଡି ର ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା /ପ୍ରଥମେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଅଭିଭାଷଣ ଦେଇଥିଲେ /ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଙ୍କ ସଭାପତିତ୍ୱ ରେ ବାଲେଶ୍ୱର ର ବିଜେଡି ସାଂସଦ ପ୍ରାଥୀନି ଡା. ଲେଖାଶ୍ରୀ ସାମନ୍ତ ବିଜେପି ର ମିଛୁଆ ସରକାର ଉପରେ ବର୍ଷୀଥିଲେ / ବିଜୁବାବୁ ପ୍ରଥମେ ମହିଳା ଙ୍କ ପାଇଁ ତେତିଶ ପ୍ରତିଶତ ପାଭବଇଁ ପ୍ରସ୍ତାବ ଆଣିଥିଲେ/ନବୀନ ବାବୁ ମହିଳା ମାନଙ୍କ ପାଇଁ ତେତିଶ ଭାଗ ଲାଗୁ କରିଛନ୍ତି /ନବୀନ ବାବୁ ମଧ କେନ୍ଦ୍ର କୁ ଚିଠି ଲେଖି ତେତିଶ ଭାଗ ମହିଳା ମାନଙ୍କୁ ସଂରକ୍ଷଣ କରିବା ପାଇଁ ଦୁଇହାଜର ବାଇଶି ରେ ସରପଂଚ ଓ ଜିଲପରିଷଦ ନିର୍ବାଚନ ରେ ପଚାଶ ଭାଗ ମହିଳା ମାନଙ୍କୁ





ନିର୍ବାଚନ ରେ ଲଢ଼ିବାକୁ ସୁଯୋଗ ଦେଇ ରେକର୍ଡ କରିଥିଲେ /ବର୍ତମାନ ର ରାଜ୍ୟ ରେ ବିଜେପି ସରକାର ରେ ପ୍ରତିଦିନ ହତ୍ୟା, ହାଣକଟା, ମହିଳା ଙ୍କୁ ଧର୍ଷଣ ଅପହରଣ, ଅତ୍ୟାଚାର ଘଟଣା ରେ ଓଡିଶା ସମେତ ସାରା ବିଶ୍ୱ ରେ ନିନ୍ଦିତ ହେଉଛି /ଡବଲ ସରକାର ରେ ଡବଲ ବିନାଶ ଘଟୁଛି ବୋଲି ଲେଖାଶ୍ରୀ କହିଥିଲେ /ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବରିଷ୍ଠ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଦାଶ, ବସ୍ତା ବ୍ଲକ ସଭାପତି ମହାଦେବ ଦାଶ ପ୍ରମୁଖ ବିଜେପି ଏକ ମିଛୁଆ ଦଳ କହି ବର୍ଷୀଥିଲେ /, ବିଜୁ ଜନତା ଦଳର ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, କାଉନସିଲର ସ୍ୱାଗତିକା ପାଳ, ସତ୍ୟବତୀ ଗିରି,କବିତା ଧଳ ଙ୍କ ସମେତ ପ୍ରାୟ ଦୁଇ ହଜାର ମହିଳା ଯୋଗ ଦେଇଥିଲେ /ଜଳେଶ୍ୱର ବ୍ଲକ ସଭାପତି ଦିଲପ ସାମଲ, ବିଜୟ କାମିଳା, ଲେଲିନ ପ୍ରଧାନ, ସଂଜୀବ ପାଳ, ଙ୍କ ସମେତ ସମସ୍ତ ସରପଂଚ ଓ ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇଥିଲେ /

# କ୍ରିଆ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ କର୍କଟଜୟୀ ଦିବସ ପାଳିତ

କଟକ: (ନି. ପ୍ର.)-ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପୁରୁଣା ଅଡିଟୋରିଅମରେ କର୍କଟଜୟୀ ଦିବସ ପାଳିତ ହୋଇଯାଇଛି । କର୍କଟ ପରି ଭୟଙ୍କର ରୋଗ ସହିତ ଯୁଦ୍ଧକରି ବିଜୟ ହାସଲ କରିଥିବା କର୍କଟଜୟୀ ମାନଙ୍କ ଓଠରେ ହସ ଫୁଟେଇବା ପାଇଁ କ୍ରିଆ ଅନୁଷ୍ଠାନ ଓ ଆଚାର୍ଯ୍ୟ ହରିହର କର୍କଟରୋଗ ପୋଷ୍ଟ ଗ୍ରାଜୁଏଟ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଚିକିତ୍ସା ପଦ୍ଧତିରେ କର୍କଟ ରୋଗ ପ୍ରାଥମିକ ଚିକିତ୍ସା କରିବା ଦ୍ୱାରା ୬୦ ପ୍ରତିଶତ ଆରୋଗ୍ୟ ଲାଭ କରିଥିବା ଜଣା ପଡ଼ିଛି । ପ୍ରତିବର୍ଷ ୧୪ଲକ୍ଷ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି, ସେଥି ମଧ୍ୟରୁ ୭ଲକ୍ଷ ରୋଗୀ ଆରୋଗ୍ୟ ହୋଇ ପାରୁଛନ୍ତି । ତେଣୁ ଆଜିର ଦିନରେ କର୍କଟ ରୋଗକୁ ଭୟ ନକରି ସଠିକ୍ ଭାବରେ ଡକ୍ଟରଙ୍କ ପରାମର୍ଶ କରି ପ୍ରାଥମିକ ଅବସ୍ଥାରେ ଚିକିତ୍ସା କଲେ ସୁସ୍ଥ ହୋଇ ସାଧାରଣ ଲୋକଙ୍କ ଭଳି ଜୀବନ ଅତିବାହିତ କରି ହେବ ବୋଲି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ସଚେତନତା ମୂଳକ କାର୍ଯ୍ୟକ୍ରମରେ କର୍କଟଜୟୀ ମାନେ ଅନ୍ୟ କର୍କଟ ରୋଗୀ ମାନଙ୍କ ପାଇଁ ପ୍ରେରଣା ଦେବ ବୋଲି କୁହାଯାଇଥିଲା ।ଏହି ଅବସରରେ କର୍କଟଜୟୀ ଏବଂ ଏଥିରେ ତାଙ୍କୁ ଦେବଦୂତ ସାଜି ଦିନରାତି ସେବା କରି ରୋଗମୁକ୍ତ କରିଥିବା ଡକ୍ଟର ଓ ନର୍ସ ମାନଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅତିଥିଙ୍କ ସମେତ ସମସ୍ତ କର୍କଟଜୟୀ ମାନଙ୍କର ଉତ୍ସବ ଓ ରାମ୍ପ ସୋ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ରିଆ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଚେୟାର ପର୍ସନ ଲିଲି ଜେନାମଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଏ ଏଚ ପି ଜି ଆଇ ସିର ସହକାରୀ ପ୍ରଫେସର ପ୍ରଶାନ୍ତ ପରିଡ଼ା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ଏସ ସି ବି ମେଡିକାଲ କଲେଜର ଡିନ୍ ଏବଂ ପ୍ରିନ୍ସିପାଲ ଡକ୍ଟର ପ୍ରତିଭା ପଣ୍ଡା ଏହି ରୋଗ ଜଟିଳରୁ କିପରି ସରଳ ହୋଇ ପାରିଛି ସେ ବିଷୟରେ ଟିପ୍ପଣୀ ପ୍ରଦାନ କରିଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ୯ରୋଟାରିଆନ ଜୟଶ୍ରୀ ମହାନ୍ତି, ଏ ଏଚ ପି ଜି ଆଇ ସି ର ନିର୍ଦ୍ଦେଶକ ଡକ୍ଟର ଦୀପକ ରାଉତରାୟ, ଡକ୍ଟର ରାଜା ପରିଜା, ଆଚାର୍ଯ୍ୟ ହରିହର କର୍କଟ ରୋଗ ପୋଷ୍ଟ ଗ୍ରାଜୁଏଟ ପ୍ରତିଷ୍ଠାନର ନର୍ସ ସୁପରିଟେ[[ ବାସନ୍ତୀଲତା ନାୟକ ଏବଂ ଡକ୍ଟର ଜିତେନ୍ଦ୍ର ଜେନାମଣି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇ ସାଫଲ୍ୟ ମଣ୍ଡିତ କରିଥିଲେ । ସର୍ବ ଶେଷରେ କ୍ରିଆ ଫାଉଣ୍ଡେସନର ପ୍ରତିଷ୍ଠାତା ଲିଲି ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ ।





ରାଗିଲେ କ୍ଷତି ନିଶ୍ଚୟ ଆପଣଙ୍କର । ଅଶାନ୍ତି ହେଲେ ଆପଣ ରୋଗକୁ ନିମନ୍ତ୍ରଣ କରିବା ସଂଗେ ସଂଗେ ପରିବାର ଏବଂ ବନ୍ଧୁବାନ୍ଧବଙ୍କ ଠାରୁ ମଧ ଦୂରେଇଯିବେ

# ଆଜିକାଲି



ଚେତସା ସର୍ବକର୍ମାଣି, ମୟି ସନ୍ନ୍ୟସ୍ୟ ମତ୍ପରଃ
ବବୁଦ୍ଧିଯୋଗମୁପାଶ୍ରିତ୍ୟ, ମଚ୍ଚି□ଃ ସତତଂ ଭବ
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ମୁଁ ପରମ ପୁରୁଷ, ଏହି କଥା ମନେ କରି ତୋର ସମସ୍ତ କର୍ମ ମୋତେ ଅର୍ପଣ କରି ବିବେକ ବୁଦ୍ଧି ବଳରେ କର୍ମ କରି ମୋତେ ସର୍ବଦା ଧ୍ୟାନ କର ।

## ଜନଗଣନା -୨୦୨୭

ଆସନ୍ତା ଜନଗଣନାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜାତିଗତ ଜନଗଣନା । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୯୩୧ ମସିହା ପରେ ପ୍ରଥମ ଥର ପାଇଁ ଜାତିଗତ ଜନଗଣନା ହେବାକୁ ଯାଉଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମେତ ଦେଶରେ ଥିବା ଅନ୍ୟଜାତିର ଜନସଂଖ୍ୟା ସମ୍ପର୍କରେ ଗଣନା ହେବ । ୧୯୩୧ ମସିହାରେ ଦେଶରେ ପ୍ରଥମ ଥର ପାଇଁ ଜନଗଣନା ସହ ଜାତିଗତ ଜନଗଣନା ହୋଇଥିଲା । ଦେଶରେ ଦୀର୍ଘ ୯ଦଶନ୍ଧି ପରେ ପ୍ରଥମ ଥର ପାଇଁ ଜନଗଣନା ସହ ଜାତିଆଣ ଗଣନା ହେଉଛି ଏକ ରାଜନୈତିକ ମହତ୍ୱପୂର୍ଣ୍ଣ ଓ ସାମାଜିକ ମାଇଲଖୁଂଟ । ଜାତିଗତ ତଥ୍ୟ ସହ ଜନଗଣନା ସାମାଜିକ ନ୍ୟାୟର ପ୍ରତିଶ୍ରୁତି କାର୍ଯ୍ୟକାରୀତା ଏବଂ ଦେଶର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖେ । କହିବା ବାହୁଲ୍ୟ ଯେ, ସାମାଜିକ ନ୍ୟାୟର ପ୍ରବକ୍ତାମାନେ ଦୀର୍ଘ ବର୍ଷ ବର୍ଷ ଧରି ଦେଶରେ ଜାତିଗତ ଜନଗଣନା ପାଇଁ ଦାବି କରି ଆସୁଥିଲେ । କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ପ୍ରଥମରୁ ଅନାଗ୍ରହୀ ଥିବାବେଳେ ଶେଷରେ ଜାତିଗଣନା ପାଇଁ ନିଷ୍ପତି ନେଇଥିଲେ । ପୂର୍ବରୁ ବିହାର ସରକାର ଜାତିଗଣନା କରି ରିପୋର୍ଟ ସାର୍ବଜନନୀ କରିଥିବା ସତ୍ୱେ ତାହା ଫଳପ୍ରଦ ହୋଇପାରିନଥିଲା ବେଳେ କର୍ଣ୍ଣାଟକ ସରକାରଙ୍କ ଜାତିଗଣନା ରିପୋର୍ଟ ସମ୍ପୂର୍ଣ୍ଣ ନିର୍ବିବାଦୀୟ ହୋଇପାରିନାହିଁ । ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ୧୬(୪) ଧାରା ଅନୁଯାୟୀ ସରକାରୀ ଚାକିରି କ୍ଷେତ୍ରରେ ଆବଶ୍ୟକ ପ୍ରତିନିଧିତ୍ୱ ନଥିବା ଜାତିଗୁଡିକ ପାଇଁ ସଂରକ୍ଷଣ ବାଧ୍ୟତାମୂଳକ ରହିଛି । ଏବେ କେବଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ବ୍ୟତୀତ ଅନ୍ୟକୌଣସି ଅନଗ୍ରସର ବର୍ଗ ପାଇଁ ସେଭଳି କୌଣସି ସଂରକ୍ଷଣ ପ୍ରାୟତଃ ନାହିଁ । ପଛୁଆ ବର୍ଗ (ଓବିସି) ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ପାଇଁ ସମ୍ବିଧାନରେ ଥିବା ସତ୍ୱେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ସୀମା ଯୋଗୁଁ ତାହା ଫଳପ୍ରଦ ହୋଇପାରିନାହିଁ । ଜାତିଗତ ଜନଗଣନା ରିପୋର୍ଟ ପରେ ସମସ୍ତ ଅନଗ୍ରସର ବର୍ଗ ପାଇଁ ସଂରକ୍ଷଣ ପଥ ସୁଗମ ହେବା ନେଇ ଆଶା କରାଯାଏ । ସେହିପରି ୨୦୨୭ ଜନଗଣନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକର ସୀମା ନିର୍ଦ୍ଧାରଣ । ଯାହାକି ମହିଳା ପାଇଁ ୩୩ପ୍ରତିଶତ ସଂରକ୍ଷଣ ଆଇନରେ ପରିଣତ ହୋଇଥିବାରୁ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ବୃଦ୍ଧି ପାଇବ । ଲୋକସଭା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ତଥା ସଂଖ୍ୟା ନେଇ ଏବେ ଦକ୍ଷିଣ ଓ ଉତର ଭାରତ ବିବାଦ ଦେଖାଦେଇଛି । ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଆସନ ସଂଖ୍ୟା ହ୍ରାସ ପାଇବା ଆଶଙ୍କା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ୧୯୭୧ ଜନଗଣନା ରିପୋର୍ଟ ଆଧାରରେ ଦେଶରେ ଲୋକସଭା ଆସନ ସଂଖ୍ୟା ନିର୍ଦ୍ଧାରଣ ହୋଇଥିବାରୁ ଏଭଳି ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ । ଅନ୍ୟପଟେ ଉତର ଭାରତୀୟ ରାଜ୍ୟଗୁଡିକରେ ଜନସଂଖ୍ୟା ବୃଦ୍ଧି ପାଇଥିବାରୁ ସେହି ଅନୁପାତରେ ଆସନ ସଂଖ୍ୟା ବଢିବ, ଏଥିରେ ସନ୍ଦେହ ନାହିଁ । ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ । ଆହୁରି ମଧ ଜନଗଣନା ରିପୋର୍ଟ ହେଉଛି ଗୋଟିଏ ଦେଶର ଦର୍ପଣ । ଯେଉଁଥିରୁ ଦେଶର ଧନୀ-ଗରିବ, ସହର-ଗ୍ରାମାଂଚଳର ତାରତମ୍ୟ, ଲୋକଙ୍କ ଆୟ, ନିଯୁକ୍ତି, ଶିକ୍ଷା, ଆର୍ଥୀକ ସ୍ଥିତି ଜଣାପଡେ । ନୀତି ନିର୍ଦ୍ଧାରକମାନେ ଏହାକୁ ନେଇ ଯୋଜନା ପ୍ରସ୍ତୁତ କରିଥାନ୍ତି । ଜନଗଣନା ଯେ, ଏକ ଅମୂଲ୍ୟ ଦସ୍ତା ଏହା ନିଃସନ୍ଦେହରେ କୁହାଯାଇପାରିବ ।



## ମୃଦୁ ମଳୟ ମନ ହରେ

ଏହା ଦେହ ଓ ମନକୁ ଉଲ୍ଲସିତ କରେ । ସେଥିପାଇଁ ଗୋଟିଏ ଋତୁବର୍ଣ୍ଣନା କବିତାରେ ମଧୁସୂଦନ ରାଓ ଲେଖିଛନ୍ତି ‘ଫାଲଗୁନ ଚୈତ୍ର ବସନ୍ତରେ ମୃଦୁ ମଳୟ ମନ ହରେ’ । ମଳୟ ପବନର ନାଆଁ ଆସିଛି ‘ମଳୟଗିରି’ରୁ । ମଳୟ ନାମକ ଏହି ପର୍ବତ ସପ୍ତ କୁଳାଚଳ ବା ସାତଟି କୁଳପର୍ବତଙ୍କର ଅନ୍ତର୍ଭୁକ୍ତ । ଏହି ସାତ କୁଳପର୍ବତ ପୁରାଣ ପ୍ରସିଦ୍ଧ । ମଳୟ ବ୍ୟତୀତ ଅନ୍ୟ ଛଅ ପର୍ବତ ହେଉଛନ୍ତି ମହେନ୍ଦ୍ର, ସହ୍ୟ, ଶୁକ୍ତିମାନ, ଋଷି, ବିନ୍ଧ୍ୟ ଓ ପାରିଜାତ । ଏହି କୁଳପର୍ବତମାନେ ପୃଥିବୀକୁ ସବୁ ଦିଗରୁ ସମ୍ଭାଳି ରଖିଛନ୍ତି । ହିମାଚଳକୁ ମିଶାଇ ଏମାନଙ୍କୁ ଅଷ୍ଟ କୁଳାଚଳ ବି କୁହାଯାଏ । ଶ୍ରୀମଦଭାଗବତ ଓ ବ୍ରହ୍ମାଣ୍ଡ ପୁରାଣରେ ମଳୟ ପର୍ବତର ଅନେକ ବର୍ଣ୍ଣନା ଅଛି । ଶ୍ରୀମଦଭାଗବତରେ ଥିବା ବର୍ଣ୍ଣନା ଅନୁସାରେ ମଳୟ ପର୍ବତ ଚନ୍ଦନ ବୃକ୍ଷରେ ପରିପୂର୍ଣ୍ଣ । ସେହି ପର୍ବତରୁ ସବୁବେଳେ ଚନ୍ଦନର ସୁବାସ ଚହଟୁଥାଏ । ତେଣୁ ତାହାର ଅନ୍ୟନାମ ଚନ୍ଦନାଦ୍ରି । ସେଥିପାଇଁ ମଳୟ ପର୍ବତ ଭଗବାନ ବିଷ୍ଣୁଙ୍କର ଖୁବ ପ୍ରିୟ । ସେଠାରେ ମଧ ମନୁ ଓ ଅଗସ୍ତି ମୁନି ତପସ୍ୟା କରିଥିଲେ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମହୀଶୂରର ଦକ୍ଷିଣରେ ଥିବା ତ୍ରାଭାଙ୍କୋରର ପଶ୍ଚିମ ଭାଗରେ, ପଶ୍ଚିମଘାଟ ପର୍ବତମାଳାର ଅଂଶବିଶେଷ ଏହି ମଳୟଗିରି । ବସନ୍ତଋତୁରେ ଯେଉଁ ସୁବାସିତ ଓ ଶୀତଳ ପବନ ବହେ ତାହା ମଳୟଗିରିରୁ ଚନ୍ଦନର ସୁବାସ ଓ ଶୀତଳତା ନେଇ ବହିଥାଏ । ତେଣୁ ମଳୟ ପବନର ପ୍ରଚୁର ପ୍ରଶସ୍ତି ଆମର ପୁରାଣ ଓ କାବ୍ୟ ଗୁଡ଼ିକରେ ଦେଖାଯାଏ ।

# ଜୀବନ ହିଁ ରାମାୟଣ

◆ ଅନୀତା ପଟ୍ଟନାୟକ

ମୋର ଖରା ଛୁଟି ହୋଇ ଥାଏ । ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି । ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ । ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ । ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ । ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ । ରେଳଯାତ୍ରା ଆରମ୍ଭ ହେଲା । ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ । ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ । ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ । ମା କହିଲେ ଧର୍ମକୁ ପାଳନ ନକଲେ ମଧ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ । ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ । ତାହା ନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ । ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ କୁହାଯାଏ । ସଚେତନତାରୁ ଚିତ ଆସେ । ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ । ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ । ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ । ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ । ଶରୀର ଏକ ମାଧ୍ୟମ । ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ । ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ । ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି । ଜୀବନ ପାଇଁ ନୁହେଁ । ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧରେ ଅଛନ୍ତି, ଆମେ ହିଁ ରାମ । ଜୀବନ (ପ୍ରାଣ) ସୁଶୁମ୍ନା ନାଡ଼ିରେ ରହିଛି । ଜୀବନ ହୃଦୟରେ ନାହିଁ । ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି । ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ । ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ । ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ । ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି । ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି । ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା । ଆମେ



ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ । ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ । ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ । ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ । ବାପା କହିଲେ ନିଶ୍ଚୟ । ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି । ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ । ଶିବ ହେଉଛନ୍ତି ମଙ୍ଗଳମୟ । ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ । ମୋ ମା କହିଲେ ଆଜ୍ଞା ହଁ । ସୀତା ପୃଥିବୀଙ୍କ ଝିଅ । ଆମେ ପୃଥିବୀ ଉପରେ ନିର୍ଭରଶୀଳ । ଆମେ ଭୂଦେବୀ ନିକଟରେ ଶରଣାଗତ । ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ । ମା କହିଲେ ସେ ବିଦେହର ରାଜକନ୍ୟା । ଜନକଙ୍କର ଅନ୍ୟ ନାମ ବିଦେହ । ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ । ମନ, ଏହାର ଶରୀର ନାହିଁ । ଏହା ସର୍ବତ୍ର ବୁଲୁଥାଏ । ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି । ମନର ଝିଅ ବ୍ରହ୍ମଜ୍ଞାନ । ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା । ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଂଚ କରି ଆମ ପାଖରୁ ଚାଲିଗଲେ । ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି,

ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ । ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ? ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ । ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ । ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ । ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ । ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସାର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ । ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ । ମା କହିଲେ ସୀତା ଜ୍ଞାନର ପ୍ରତୀକ । ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ । ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ । ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ । ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ । ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା । ହନୁମାନ ଓ ମାଙ୍କଡ଼ ମାନେ ଯେଉଁ ମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ । ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ) ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ । ମା କହିଲେ, ସୀତା ମୁକ୍ତ ହୋଇ ଆଧାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ । ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ । ଝିଅ ତୁ ମନେରଖ - ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ । ଆଧାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ । ରାମ ଧର୍ମର ପ୍ରତୀକ । ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ) । ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ ।

ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ :
୯୬୯୨୯୮୦୦୨୬

# ଦୁର୍ବଳ ମୌସୁମୀ ପାଇଁ ପ୍ରସ୍ତୁତ ହୁଅ

ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷୀଣ-ପଶ୍ଚିମ ମୌସୁମୀ ଚଳିତ ବର୍ଷ ଏଲ-ନିନୋ ପ୍ରଭାବରେ ଦୁର୍ବଳ ହେବା ସହ କମ୍ ବର୍ଷା ହେବ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି), ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମଓ) ସମେତ ବହୁ ପାଣିପାଗ ସଂସ୍ଥାର ଚେତାବନୀ ଦେଶରେ ଉତ୍କଟ ମରୁଡିର ସନ୍ଦେଶ ପ୍ରଦାନ କରୁଛି । କେବଳ ଭାରତ ନୁହେଁ, ସାରା ବିଶ୍ୱରେ ମରୁଡି ଆଶଙ୍କା ରହିଥିବା ନେଇ ପାଣିପାଗ ସଂସ୍ଥାଗୁଡିକ ଚେତାବନୀ ଜାରି କରିଛନ୍ତି । ବିଭିନ୍ନ ପାଣିପାଗ ମଡେଲ ସୂଚିତ କରୁଛି ଯେ, ପ୍ରଶାନ୍ତ ମହାସାଗରରେ ଏଲ-ନିନୋ ପରିସ୍ଥିତି ଦ୍ରୁତ ଗତିରେ ବିକଶିତ ହେଉଛି ଏବଂ ଏହା ମଧ୍ୟମରୁ ଅତ୍ୟନ୍ତ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି । ଯାହାର ପରିଣତି ସ୍ୱରୁପ ଭାରତ ସମେତ ସାରା ବିଶ୍ୱରେ ମରୁଡି, ବନ୍ୟା, ସାମୁଦ୍ରିକ ଓ ସ୍ଥଳ ଭାଗରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଉତାପ ବୃଦ୍ଧି ଏବଂ ବିପଦଜନକ ପାଗ ସୃଷ୍ଟି ହୋଇପାରେ । ଉଲ୍ଲେଖଯୋଗ୍ୟ ଯେ, ଗଲା ଦେଢ ଶହ ବର୍ଷ ମଧ୍ୟରେ ପାଂଚଥର ‘ସୁପର ଏଲ-ନିନୋ’ ଆତ୍ମପ୍ରକାଶ କରିଥିବାବେଳେ ବହୁ ଦେଶରେ ତାଣ୍ଡବ ସୃଷ୍ଟି କରିଥିଲା । ୧୮୭୭, - ୭୮, ୧୯୮୨-୮୩, ୧୯୯୭-୯୮, ୨୦୧୪- ୧୫ ଏବଂ ୨୦୨୩- ୨୪ର ଏଲ-ନିନୋ ମୌସୁମୀକୁ ପ୍ରଭାବିତ କରିଥିଲା । ୧୮୭୭-୭୮ ସୃଷ୍ଟି ହୋଇଥିବା ମେଗା ଏଲ-ନିନୋ ସମଗ୍ର ବିଶ୍ୱରେ ମରୁଡି ଓ ଦୁର୍ଭିକ୍ଷର ତାଣ୍ଡବ ରଚିଥିଲା । ଯାହାର ପ୍ରଭାବରେ ଭାରତ ଓ ଚୀନରେ




ନିୟୁତ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଥିଲା । ୧୯୮୨-୮୩ରେ ସୁପର ଏଲ-ନିନୋ ପ୍ରଭାବରେ ବିଶ୍ୱର ପାଣିପାଗ ବିଜ୍ଞାନୀମାନଙ୍କୁ ବିସ୍ମିତ କରିଦେଇଥିଲା । ସମଗ୍ର ବିଶ୍ୱରେ ମରୁଡିର ହାହାକାର ସୃଷ୍ଟି ହୋଇଥିବାବେଳେ ଆମେରିକାର ବହୁ ଭାଗରେ ବନ୍ୟାର ତାଣ୍ଡବ ରଚିଥିଲା । ୧୯୯୭-୯୮ରେ ଯାହା ଶତାବ୍ଦୀର ଏଲ-ନିନୋ ବୋଲି କୁହାଯାଉଥିଲା, ବିଶ୍ୱରେ ଚରମ ଜଳବାୟୁର କାରଣ ହୋଇଥିଲା । ଉଲ୍ଲେଖ କରାଯାଇପାରେ ଯେ, ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଓଡିଶାରେ

## ଏଲ-ନିନୋ’ର ଚେତାବନୀ

ଅଢେଇ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା । ଆମ ଦେଶରେ ଶେଷ ଥର ୨୦୧୪-୧୬ରେ ଏଲ-ନିନୋ ପ୍ରଭାବରେ ଦେଶର ବିଭିନ୍ନ ଭାଗରେ ଭୟାବାହ ମରୁଡି ସହ ଉତ୍କଟ ଜଳଅଭାବର କାରଣ ହୋଇଥିଲା । ଏହାକୁ ଗୋଡ ଜିଲ୍ଲା-ଏଲ-ନିନୋ ବୋଲି କୁହାଯାଉଥିଲା । ୨୦୨୩-୨୪ ରେ ଏଲ-ନିନୋର ପ୍ରଭାବ ଭାରତରେ ବିଶେଷ ଅନୁଭୂତ ହୋଇନଥିଲେ ମଧ ଚଳିତ ଶତାବ୍ଦୀରେ ବିଶ୍ୱର ସବୁଠୁ ଉତପ୍ତ ବର୍ଷ ଥିଲା ବୋଲି କୁହାଯାଇପାରେ । ଚଳିତ ମୌସୁମୀ ଋତୁରେ ସ୍ୱାଭାବିକଠାରୁ କମ୍ ଅର୍ଥାତ ୯୨ ପ୍ରତିଶତ ବର୍ଷା ହେବା ନେଇ ଗଲା ଏପ୍ରିଲରେ ଆଇଏମଡି ପୂର୍ବାନୁମାନ କରିଥିବାବେଳେ ଚଳିତ ମାସରେ ୯୦ପ୍ରତିଶତ ବର୍ଷା ନେଇ ସୂଚନା ଦେଇଥିଲା । ଏଲ-ନିନୋ ଶକ୍ତିଶାଳୀ ହେଉଥିବାରୁ ଓଡିଶା ସମେତ କେତେକ ରାଜ୍ୟରେ ବର୍ଷାର ପରିମାଣ କମ୍ ହୋଇପାରେ ଏବଂ କେତେକ ଅତ୍ୟଧିକ ବର୍ଷା ହେବା ଆଶଙ୍କା କରାଯାଏ । କମ୍ ବର୍ଷା ଦେଶରେ ମରୁଡିର କାରଣ । ଏହା ଦ୍ୱାରା ଖାଦ୍ୟ ଶସ୍ୟ ଉତ୍ପାଦନ ହ୍ରାସ ପାଇବା ସହ ଦରଦାମ ବୃଦ୍ଧି, ଖାଦ୍ୟଭାବ, ଜଳ ସଂକଟ, ଏବଂ ଅର୍ଥନୀତି ବାଧାପ୍ରାପ୍ତ ହେବ । ଜଳଭଣ୍ଡାରରେ ଜଳ ପତନ ହ୍ରାସ ଯୋଗୁଁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ କଳକାରଖାନରୁ ଉତ୍ପାଦନ ହ୍ରାସ ପାଇବ । ସେହିପରି ବିଦ୍ୟୁତ ସଂକଟ ଉତ୍କଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଦେଶର ଆର୍ଥିକ ଅଭିବୃଦ୍ଧିରେ କୃଷି କ୍ଷେତ୍ରର ଅବଦାନ ଦୁଇରୁ ୩ ପ୍ରତିଶତ ରହିଥିବାବେଳ ଚଳିତ ବର୍ଷ ଅଭିବୃଦ୍ଧି ହ୍ରାସ ପାଇବା ଆଶଙ୍କା ରହିଛି । ଦେଶର ୭୦ ପ୍ରତିଶତରୁ ଅଧିକ କୃଷି ଓ କୃଷକ ଦକ୍ଷୀଣ ପଶ୍ଚିମ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ଥିବାବେଳେ ସମ୍ଭାବ୍ୟ ମରୁଡି ଯୋଗୁଁ ଉତ୍ପାଦନ ହ୍ରାସ ପାଇବ । ଏହା କେବଳ ଦେଶର ଖାଦ୍ୟ ଭଣ୍ଡାର ଉପରେ ପ୍ରଭାବ ପକାଇବ ନାହିଁ, ଖାଦ୍ୟ ସଂକଟ ଓ ଦରଦାମ ବୃଦ୍ଧି କରିବ । ଅନ୍ୟ ପକ୍ଷରେ ଏହା କେବଳ ୨୦୧୫ରେ ଦୁର୍ବଳ ମୌସୁମୀ ପରି ଦେଖାଯାଉନାହିଁ, ଏହା ଏପରି ଏକ ସମୟରେ ଆସୁଛି ଯେତେବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଅବରୋଧ ଫଳରେ ଦେଶରେ ତୈଳ ଦରବୃଦ୍ଧି ପାଇଛି । କୃଷି ପାଇଁ ଡିଜେଲ ମହଙ୍ଗା ହୋଇଛି । ସାର ଉପରେ ସରକାରଙ୍କ ରିହାତି ଦ୍ୱିଗୁଣ ହୋଇ ଚଳିତ ବର୍ଷ ୩.୮ ଲକ୍ଷ କୋଟିରେ ପହଁଚିବା ସମ୍ଭାବନା ରହିଛି । ଦେଶର ଅର୍ଦ୍ଧାଧିକ ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ ଅର୍ଦ୍ଧାଧିକ କୃଷି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ସାର ମୂଲ୍ୟରେ ସହଯୋଗ କରିବାକୁ ସରକାର କୃଷକଙ୍କୁ କଦାପି ଆହ୍ୱାନ କରି ପାରିବେ ନାହିଁ । ଯାହାର ଚାପ ଅର୍ଥନୀତିରେ ଉପରେ ସିଧାସଳଖ ପଡିବ । ସେହିପରି ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ଯୋଗୁଁ ଦରଦାମ ବଢିବ । ପରିବାରର ବ୍ୟୟ ସାମର୍ଥ୍ୟ ତଥା ବଜେଟକୁ ପ୍ରଭାବିତ କରିବ । ଏହା ଏକ ଗମ୍ଭୀର ସଂକଟ ସୃଷ୍ଟି କରିବାକୁ ଯାଉଛି । ସରକାର ଦୃଢ ଭାବେ ଏହାର ମୁକାବିଲା କରିବା ଆବଶ୍ୟକ । କେନ୍ଦ୍ର-ରାଜ୍ୟ ମଧରେ ସମନ୍ୱୟ ଜରୁରୀ, ଯାହାକି କୃଷକ ଓ ଖାଉଟିଙ୍କ ଉପରେ ଚାପ କୋହଳ କରି ପାରିବ । ୧୧ବର୍ଷ ତଳେ ଦୁର୍ବଳ ମୌସୁମୀ ମୁକାବିଲାର ଅନୁଭୂତିରୁ ପ୍ରସ୍ତୁତ ହେବାକୁ ପଡିବ । ଅନ୍ୟଥା ମୁଦ୍ରାସ୍ଫୀତି ଉପର ମୁହାଁ ହେବା ସହ ଖାଦ୍ୟ ସଂକଟକୁ ଆମନ୍ତ୍ରଣ କରିବା ସାର ହେବ ।

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨,ମୋବାଇଲ ନଂ-୯୪୩୭୯୯୪୩୭୯

## ବିଶ୍ୱ ସାଗର ଦିବସ

# ‘ସୁସ୍ଥ ସମୁଦ୍ର ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ ନିବାରଣ’

◆ ଗୋପୀନାଥ ଦାଶ



ପ୍ରତି ବର୍ଷ ଜୁନ ୮ ତାରିଖରେ ପାଳିତ ହେଉଛି ବିଶ୍ୱ ସାଗର ଦିବସ । ଏହି ଦିବସ ପାଳନ ପାଇଁ ୧୯୯୨ରେ ପ୍ରଥମେ କାନାଡାର ଅନ୍ତର୍ଜାତୀୟ ସମୁଦ୍ର ବିକାଶ କେନ୍ଦ୍ର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଓସିନ ଇନଷ୍ଟିଚ୍ୟୁଟ ଅଫ କାନାଡ଼ା ପ୍ରସ୍ତାବକୁ ସମର୍ଥନ କରିଥିଲା । ରିଓ ଡି ଜେନିରୋରେ ଅନୁଷ୍ଠିତ ଜାତିସଂଘର ଆର୍ଥ ସମିଟ ଅବସର ରେ ଏ ପ୍ରସଙ୍ଗରେ ଆଲୋଚନା ହୋଇ ସେହି ବର୍ଷ ବିଶ୍ୱର କେତେକ ରାଷ୍ଟ୍ରରେ ଏହି ଦିବସ ପାଳିତ ହୋଇଥିଲା । ତେବେ ଜାତିସଂଘ ବହୁ ବିଳମ୍ବରେ ୨୦୦୮ରେ ଏହାକୁ ଔପଚାରିକ ସ୍ୱୀକୃତି ଦେଇ ଥିଲା । ସମୁଦ୍ରରୁ ମଣିଷ ପାଉଛି ଖାଦ୍ୟ, ଅମ୍ଳଜାନ, ଔଷଧ ଆଦି ଅନେକ ଦରକାରୀ ସାମଗ୍ରୀ । ତେଣୁ ଏହାକୁ ସୁରକ୍ଷିତ ରଖିବା ମଣିଷର ଦାୟିତ୍ୱ । ଏ ବାବଦରେ ଜନ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ । ଆମେ ହୁଏତ ଜାଣିନଥାଉ ଆମେ ନିତ୍ୟ ବ୍ୟବହାର୍ଯ୍ୟ ଏବଂ ଆନୁସଙ୍ଗିକ ବର୍ଯ୍ୟ ସାମଗ୍ରୀ ନଦୀନାଳକୁ ଫୋପାଡ଼ି ଦେଉଛୁ । ପରିଶେଷରେ ନଦୀର ଶେଷ ପରିଣତି ସମୁଦ୍ରରେ ଏହି ବର୍ଜ୍ୟ ସବୁ ପହଂଚି ଏହାକୁ ବିଷାକ୍ତ କରିଦେଉଛି । ତେଣୁ ଏ କ୍ଷେତ୍ରରେ ଆମ୍ଭ ମାନଙ୍କ ଭିତରେ ସଚେତନତା ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମଗ୍ର ବିଶ୍ୱରେ ଯୋଗାଯୋଗର ବଡ଼ ମାଧ୍ୟମ ହେଉଛି ସାମୁଦ୍ରିକ କ୍ଷେତ୍ର କାରଣ କେବଳ ଜଳଜାହାଜ ନୁହେଁ ମାଲ ପରିବହନ କ୍ଷେତ୍ରରେ ସଡ଼କ ଓ ବିମାନ ପରିବହନ ଠାରୁ ସାମୁଦ୍ରିକ ପରିବହନ କ୍ଷେତ୍ର ଅତ୍ୟନ୍ତ ବିସ୍ତୀର୍ଣ୍ଣ ତେଣୁ ଏ କ୍ଷେତ୍ରରେ ସମୁଦ୍ର ପଥକୁ ସୁରକ୍ଷିତ ରଖିବାର ଦାୟିତ୍ୱ ମଧ ଆମ ମାନଙ୍କର । ଖୁସିର କଥା କିଛି ବ୍ୟକ୍ତିବିଶେଷ ଓ ଦାତବ୍ୟ ସଂଗଠନ ସମୁଦ୍ର ସଫେଇ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଏବଂ ଏହାର ଉପକୂଳକୁ ସୁରକ୍ଷିତ ରଖିବା ପାଇଁ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି । ଏହି ଦିବସକୁ ବାର୍ତା ବିଷୟ ଭିତିକ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟ ‘ସୁସ୍ଥ ସମୁଦ୍ର ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ ନିବାରଣ’ ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା : ୮୮୯୫୨୯୬୧୬୭



# କସ୍ତୁରୀ

# ଅହ୍ୟ ସୁଲକ୍ଷଣୀ

◆ ନିରୁପମା ଭୂୟାଁ

କେହି ଦୂରବନ୍ଧୁ, ବୟସ୍କ ଲୋକ କିମ୍ବା ଗୁରୁଜନ ଶ୍ରେଣୀୟ ବ୍ୟକ୍ତି ଘରକୁ ଆସିଲେ, ଓଡ଼ିଆ ଘରର କୂଳ ବଧୂଟିଏ ମୁଣ୍ଡରେ ଓଢ଼ଣା ଦେଇ, ହାତରେ ପାଣି ଢ଼ାଳ ନେଇ ଅତିଥିଙ୍କର ପାଦ ଧୋଇ ଦେଇଥାଏ । ଓଢ଼ଣାତଳେ ଓଡ଼ିଆ ବୋହୂର ଅତିଥି ପରାୟଣତାରେ ସନ୍ତୁଷ୍ଟ ବୟସ୍କ ମଣିଷ, ବୋହୂଟିକୁ ଆଶୀର୍ବାଦ କରି କହିଥାଏ - ଅଇ ସୁଲକ୍ଷଣୀ ହୋଇଥା' । ବୟସ୍କଙ୍କ ତୁଣ୍ଡରୁ ଏହି ଆଶିଷଟିକକ, ଯେ କୌଣସି ମହିଳାଙ୍କ ପାଇଁ ଶୁଭ ଓ ମଙ୍ଗଳଦାୟକ ହୋଇଥାଏ । ସ୍ତ୍ରୀଲୋକଟିଏ ବଂ୍ଥିବା ପର୍ଯ୍ୟନ୍ତ, ତାର ସ୍ୱାମୀ ଜୀବିତ ଥିଲେ, ସେଇ ସ୍ତ୍ରୀଲୋକଙ୍କୁ 'ଅହ୍ୟ ସୁଲକ୍ଷଣୀ' କୁହାଯାଏ । ବଡ଼ମାନଙ୍କ ଠାରୁ ତାକୁ ଏଇ ଆଶୀର୍ବାଦ ତା' ସ୍ୱାମୀ ସହ ତାକୁ ଦୀର୍ଘାୟୁ କରିବାର ସୂଚାଇଥାଏ । ପରିବାରରେ ନାରୀଟିଏ ଭଲରେ ଚଳିବା ସହ, ଘରର ସବୁ ଲୋକ, ବନ୍ଧୁ-ବାନ୍ଧବ, ଆତ୍ମୀୟସ୍ୱଜନଙ୍କୁ ଆପଣାର କରିପାରିଲେ - ତା ପ୍ରତି ସମସ୍ତଙ୍କର ଭଲ ପାଇବା ବଢ଼ିଥାଏ । ସେ ପରକୁ ବି ଆପଣାର କରି ଚଳେ । ଦିଅର, ନଣନ୍ଦ, ଶାଶୁ, ଶ୍ୱଶୁରଙ୍କୁ ସମାନ ଭାବରେ ଦେଖେ । ସାଇ ପଡ଼ିଶାର ଛୋଟଙ୍କୁ ଶ୍ରଦ୍ଧା ଓ ବଡ଼ଙ୍କୁ ମାନ୍ୟ କରି ଚଳେ । କାହାରି ମନରେ ଦୁଃଖ ନଦେଇ, ବରଂ ନିଜେ ସବୁଦୁଃଖକୁ ନିଜ ଭିତରେ ପିଇ ଅନ୍ୟଠାରେ ଖୁସି ବାଂଟେ । ଏଭଳି ମହିଳା ଅନେକଙ୍କ ତୁଣ୍ଡରୁ ଏହି ଅଇ ସୁଲକ୍ଷଣୀ ହେବାର ଆଶୀର୍ବାଦ ପାଇଁ ଦୀର୍ଘାୟୁ ହୁଅନ୍ତି । ଏହା କେବଳ ବିଶ୍ୱାସ ନୁହେଁ ସେମାନଙ୍କ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରି ଯଥେଷ୍ଟ ସୁଫଳ ଦେଇଥାଏ । ଘରେ ବୋହୂଟିଏ ପ୍ରଥମ କରି ପାଦ ଦେବା ପରେ ସମସ୍ତଙ୍କର ଅମୃତ ଦୃଷ୍ଟି ତା ଉପରେ ପଡ଼ିଥାଏ । ସବୁ ଆଶା, ଆକାଙ୍କ୍ଷା, ସଂଭାବନାର କେନ୍ଦ୍ରବିନ୍ଦୁ ହୋଇପଡ଼େ ବୋହୂଟି । ଓଡ଼ିଆ ମଙ୍ଗଳ କବିତାରେ ରାମସୀତାଙ୍କ ବିବାହ ପରେ ଦଶମଙ୍ଗଳା ଉତ୍ସବରେ ନବବଧୂ ଉପରେ ଅନ୍ୟମାନଙ୍କର ଶୁଭ ଆଶୀର୍ବାଦ ଅମୃତ ହୋଇ ଝରିପଡ଼ିଛି । 'ଦଶମଙ୍ଗଳା ଲୋ ଆଜି ଦିଅ ହୁଳହୁଳି, ଅମୃତ ଗୃହ ପ୍ରବେଶ ହୋଇବେ ମଇଥିଲୀ । ଅହ୍ୟ ସୁଲକ୍ଷଣୀ ମାଗୋ ହୁଅ ପୁତ୍ରବତୀ, କୁଳର ଉଜ୍ଜ୍ୱଳ ମୋର ଜନକ ଦୁହିତୀ । ସାତ ପୁଅ ସାତ ବୋହୂ ହେଉ ଯେ ତୋହର, ସର୍ବ ସୁଲକ୍ଷଣୀ ହୁଅ ସୋହାଗି ରାମର ।' ହିନ୍ଦୁ ଶାସ୍ତ୍ର ମତରେ ହାତରେ ଶଙ୍ଖା ଓ ମୁଣ୍ଡରେ ସିନ୍ଦୁର ହିଁ ଅହିଅର ଲକ୍ଷଣ, ଯାହାକି ସ୍ତ୍ରୀଲୋକଙ୍କର ପରମ ସୌଭାଗ୍ୟ ବୋଲି ଧରାଯାଏ । ବାପ ଘରେ ବଢ଼ି ଶାଶୁଘରକୁ ଝିଅଟିଏ ଯାଉଥିବାବେଳେ ତା ବୋଉ ପାଖରେ କାନ୍ଦି କାନ୍ଦି ଏହା ହିଁ କହିଥାଏ - ଚାଳରେ ଖୋସଇ ଦୁବ, ଦୁବ ଦେଖି ଶୁଭ ମନାସୁଥିବୁଲୋ ବୋଉ; ତୋ ଝିଅ ଅଇସୁଲକ୍ଷଣୀ ହେବ, ଅହିଅ ମୁଣ୍ଡରେ ଯିବ । ସମସ୍ତଙ୍କ ଆଶୀର୍ବାଦ ନେଇ ବାହା ହୋଇ ଆସିଥିବା ଝିଅଟି - ବୋହୂ ହୋଇ ଘରସଂସାର କରି ସନ୍ତାନ ସନ୍ତତିର ଜନନୀ ହୋଇଥାଏ । ସମୟ ସହ ତାଳ ଦେଇ ନିଜର



କର୍ତବ୍ୟ କରିଚାଲେ । ବୟସ ନଇଁ ଆସିଲେ ସ୍ୱାମୀ ଥାଇ ପ୍ରଥମେ ସ୍ତ୍ରୀର ମୃତ୍ୟୁ ଘଟିଲେ ଅହ୍ୟ ଡେଙ୍ଗୁରା ବାଜେ । ନାରୀର ସୌଭାଗ୍ୟ ଯୋଗୁଁ ସେ କାଚ ସିନ୍ଦୁର ନେଇ ଚାଲିଗଲା ବୋଲି କହି ପରିବାର ଓ ପଡ଼ୋଶୀ ଲୋକେ ଆଖିରୁ ଦୁଇଟୋପା ଲୁହ ନିଗାଡ଼ିଥାନ୍ତି । ମୃତା ସ୍ତ୍ରୀର ଶବ ଘର ବାହାରିବା ପୂର୍ବରୁ ବାରିକାଣୀ ସଧବା ବେଶରେ ସଜେଇ ଦେଇଥାଏ ଶବକୁ । ମାଲ ଭାଇ କୋକେଇ ବାନ୍ଧନ୍ତି । ଶୁଭ କଉଡି ଓ ଖଇ ବିଂଚାହୁଏ । ଗୋବରପାଣି ଛିଂଚ୍ୱାହୁଏ । ପୁଅ-ସ୍ୱାମୀ ଆଗରେ ଯାଉଥାନ୍ତି । ଦୁଇପଟେ ଥାନ୍ତି ତାର ଦୁଇ ଦିଅର । ଖୁବ୍ ସମ୍ମାନରେ ତାର ମୁର୍ଦ୍ଦାର ମଶାଣିକୁ ବୁହାହୋଇ ଯାଇଥାଏ । ସାଇ ପଡ଼ିଶାଏ ଜୁଳୁ ଜୁଳୁ ଅନାଇ ଆହା ପଦେ କହି ଲୁହ ନିଗାଡ଼ିବା ସହ ଶବକୁ ମୁଣ୍ଡିଆ ମାରନ୍ତି । ତାଙ୍କ ଭାଗ୍ୟରେ ବି ଅହ୍ୟ ଡେଙ୍ଗୁରା ଜୁଟୁ ବୋଲି ସେମାନେ ମନାସିଥାନ୍ତି । ବାପଘର ଛାଡ଼ି ଶାଶୁଘରକୁ ଆସିବା ପରେ ଓଡ଼ିଆ ନାରୀ ମନର ଭାବନାରେ ସ୍ୱାମୀ ପ୍ରତି ଅନୁରକ୍ତି ଓ ପରିବାର ପ୍ରତି ମୋହ ଓଡ଼ିଆ ଲୋକଗୀତରେ ପରିଦୃଷ୍ଟ ହୋଇଥାଏ । 'କଳା ମେଘୀ ଶାଢ଼ୀ କିସ ହୋଇବ, ଅହ୍ୟ ଡେଙ୍ଗୁରାରେ ଜୀବନ ଯିବ । ଚାରି କଡ଼େ ଥିବେ ଚାରି ଦିଅର, ମଝିରେ ଯିବେ ଯେ ଆମରି ବର । ରଜା ବଂଚ୍ଥିବେ ଖଇ କଉଡି, ପିଲା ଯାଉଥିବେ ଧାଇଁ ଦଉଡି । ମଶାଣି ହୁଡାକୁ ନେଇଣ ଯିବେ, ସାତ ଭେରୀ କରି ବୁଲାଇ ଦେବେ ।' ଓଡ଼ିଆ ଗାଥା ଗୀତିକାରେ ଓଡ଼ିଆଣୀ ତୁଣ୍ଡରେ ଏହି ଗୀତର ଭାଷା ଖୁବ୍ ମର୍ମଭେଦି । କେହି କେହି ମହିଳା ଅହ୍ୟ ସ୍ତ୍ରୀ ହାତର କାଚ ପଟେ ତା' ପାଇଁ ଅତ୍ୟନ୍ତ ସୌଭାଗ୍ୟ । ଭାବି ତାହା ସଂଗ୍ରହ କରି ଆଦରରେ ସାଇତି ରଖିଥାନ୍ତି । ଅହ୍ୟ ସ୍ତ୍ରୀର କାଚ ପିନ୍ଧିଲେ ଅଫଳନ୍ତି ଗଛ ଫଳେ ଓ ପିଲାପିଲି ହେଉନଥିବା ମହିଳାମାନଙ୍କର ସନ୍ତାନ ସନ୍ତିତ ହୁଏ ବୋଲି ବିଶ୍ୱାସ ରହିଛି । ଶବ ଗଲାବେଳେ ଆଗରେ ଡେଙ୍ଗୁରା ବାଜେ ଓ ସ୍ତ୍ରୀର ଶବ ଆଗେ ଆଗେ ସ୍ୱାମୀ ଖଇ ମିଶା କଉଡି ବୁଣି ବୁଣିଯାଏ । ଏହି କଉଡିକୁ ଅହିଅ କଉଡି କୁହାଯାଏ । ଗାଁ ଗହଳିର ଅହିଅ ସ୍ତ୍ରୀମାନେ ଏହି କୁଉଡ଼ିକୁ ଗୋଟାଇ ଆଣି କାନିରେ ବାନ୍ଧନ୍ତି । ଅହିଅ ସ୍ତ୍ରୀର ଶବ ଗଲାବେଳେ ଅଫଳନ୍ତି ନଡ଼ିଆ ଗଛରେ ଲୁହାକ□। ପିଟିଲେ ସେ ଗଛ ଫଳିଥାଏ ବୋଲି କୁହାଯାଏ । ସେହିପରି ସ୍ତ୍ରୀ ଥାଇ ସ୍ୱାମୀ ଆଗ ମରିଗଲେ ସ୍ୱାମୀର ଶବ ଘରୁ ବାହାରିବା ପରେ ସ୍ତ୍ରୀ ତାର ହାତରୁ କାଚ ଭାଙ୍ଗି ଦିଏ ଓ ମଥାରୁ ସିନ୍ଦୁର ଲିଭାଇ ଦିଏ । ଏହାର ଅର୍ଥ ହେଲା ଯାହାଙ୍କ ପାଇଁ ଶଙ୍ଖା ସିନ୍ଦୂର ପିନ୍ଧି ସେ ଏଘରକୁ ବାହା ହୋଇ ଆସିଥିଲା, ସେ ତ ଚାଲିଗଲେ, ସେ ଆଉ କାହା ପାଇଁ ଶଙ୍ଖା ସିନ୍ଦୂର ପିନ୍ଧିବ ? ତାର ଅହିଅ ପଣିଆ ଏଇଠି ସରିଲା ବୋଲି ସେ ଭାବିଥାଏ । ତେଣୁ ଏହାକୁ ଭିନ୍ନ ଅର୍ଥରେ ନନେଇ - ଏହାକୁ ନାରୀର ଅତ୍ୟନ୍ତ ପତିଭକ୍ତି ବୋଲି ଭାବିବା ଉଚିତ୍ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର: ୯୯୩୭୪୭୦୯୮୦*

# ଘର କରଣା



◀ ଲିଭିଂ ରୁମ୍‌ରେ ଥିବା ଘରକୋଣରେ ପାରିବାରିକ ଫଟୋଚିତ୍ର ମାନ ଟଙ୍ଗାଇପାରିବେ । ଏହା ପରିବାର ସଦସ୍ୟମାନଙ୍କ ମଧ୍ୟରେ ଏକତାବୋଧ ବୃଦ୍ଧି କରିବା ସହିତ ଘରେ ସକାରାତ୍ମକ ଚିନ୍ତାଧାରା ଆଣିଦେବ ।

◀ ସୋଫା, ସେଂଟର ଟେବୁଲ, ଟିଭି ପରି ଆସବାବପତ୍ର ରଖି ସାରିବା ପରେ ବି ଡ୍ରଇଂ ରୁମ୍‌ର କୋଣଟି ଖାଲି ଖାଲି ଲାଗୁଛି । ତା ହେଲେ ଚିନ୍ତା କରନ୍ତୁ ନାହିଁ । ବଜାରକୁ ଯାଇ କାନ୍ଥରେ ମଡାଇ ହେଉଥିବା ଭଳି ଏକ ସୁନ୍ଦର ରଙ୍ଗୀନ ଗଛ କିଣିଆଣନ୍ତୁ । ଏହାଦ୍ୱାରା ଘରଟି ଆହୁରି ପ୍ରାଣବନ୍ତ ଲାଗିବ ।

◀ ଘରର କୋଣଗୁଡ଼ିକୁ ସଜାଇବାର ଆଉ ଏକ ସୁନ୍ଦର ଉପାୟ ହେଲା ସେଗୁଡ଼ିକୁ ଆଲୋକିତ କରିବା । ଘର କୋଣରେ ଏକ ଲମ୍ବା ଫ୍ଲୋର ଲ୍ୟାମ୍ପ ଲଗାଇ ଦିଅନ୍ତୁ । ଯଦି କୋଣଟି ଖୁବ୍ ବଡ଼ ହୋଇଥାଏ ତା ହେଲେ ଏକ ଟପ୍ ଲ୍ୟାମ୍ପ ଲଗାଇ ପାଖରେ ଏକ ଡେସ୍କ ପକାଇ ଦିଅନ୍ତୁ । ସେଠାରେ ବସି ଆପଣ ପଢିବା ସହ ନିଜର କାମ କରିପାରିବେ ।

◀ ଡ୍ରଇଂ ରୁମ୍‌ର କୋଣ ଅଧିକ ବଡ଼ ହୋଇଥିଲେ ତାକୁ ଆପଣ ଷ୍ଟୋର୍ ଭାବେ ବ୍ୟବହାର କରିପାରିବେ । ସେହି କୋଣରେ ଏକ ସୁନ୍ଦର ଲ୍ୟାଣ୍ଡସ୍କେପ୍ ଦ୍ୱାରା ଚିତ୍ରିତ କପ୍‌ବୋର୍ଡ ଲଗାଇ ନିଅନ୍ତୁ । କପ୍‌ବୋର୍ଡରେ ଅତି ଦରକାରୀ ବହି, ଭିଡ଼ିଓ କ୍ୟାସେଟ୍ ପ୍ରଭୃତି ରଖିହେବା ସହ ଏହା ଘରକୁ ଏକ ନୂଆ ଲୁକ୍ ପ୍ରଦାନ କରିବ ।

◀ ଗେଷ୍ଟ ରୁମ୍‌ର କୋଣରେ ଆପଣ ଏକ ସୋ' କେସ୍ ଲଗାଇ ଦେଇ ପାରିବେ । ସେଥିରେ ଆପଣଙ୍କର ପ୍ରିୟ କଳାକୃତି ବା ଆକ୍ୱାରିୟମ୍ ପ୍ରଭୃତି ରଖିହେବ । ନ ହେଲେ ଅତିଥିମାନଙ୍କ ପାଇଁ ବହି, କ୍ୟାଣ୍ଡେଲ୍, ଷ୍ଟାଣ୍ଡ ଲାଇଟ୍ ପ୍ରଭୃତି ସଜାଇ ରଖିପାରିବେ ।

◀ ଘର କୋଣକୁ ଆକର୍ଷଣୀୟ କରିବାର ଆଉ ଗୋଟିଏ ଉପାୟ ହେଉଛି ଆଇନା ଲଗାଇବା । ତ୍ରିଭୁଜ ବା ଗୋଲାକୃତିର ସୁନ୍ଦର ଛୋଟ ଆଇନାମାନ ଲଗାଇଲେ ଘରଟି ବଡ଼ ଲାଗିବ । ଆଇନା ପାଖରେ ଆପଣ ଫଟୋ ଫ୍ରେମ୍ ମଧ୍ୟ ଲଗାଇପାରିବେ ।

# ସ୍ମାର୍ଟ ଶ୍ରୀମତୀ



➢ ଆପଣ ଦିନସାରା ସମସ୍ତଙ୍କ ସହିତ ହସି କରି କଥାବାର୍ତା କରନ୍ତୁ । ହସ ହସ ମୁହଁ, ଆପଣଙ୍କ ମନରେ ସେମାନଙ୍କ ପାଇଁ ସମ୍ମାନ ରହିଛି ବୋଲି ପ୍ରମାଣ ଦେବ ।

➢ ଜୀବନ ଓ ସମୟ ଆପଣଙ୍କ ନିୟନ୍ତ୍ରଣରେ ଅଛି । ସେଥିପାଇଁ ସାମ୍ନା କରିବାକୁ ଥିବା ସମସ୍ତ ସ୍ଥିତିକୁ ଖୁସିରେ ସ୍ୱୀକାର କରନ୍ତୁ ।

➢ ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରନ୍ତୁ ନାହିଁ । ସମସ୍ତଙ୍କ ଖୁସି ରହିବାର ମାନଦଣ୍ଡ ଭିନ୍ନ ଭିନ୍ନ । ନିଜକୁ ଭଲ ପାଇ ଶିଖନ୍ତୁ, ତେବେ ଯାଇ ଅନ୍ୟମାନଙ୍କ ମହତ୍ୱ ବୁଝିପାରିବେ ।

➢ ଆଶାବାଦୀ ଲୋକଙ୍କ ସହିତ ମିଳାମିଶା କରନ୍ତୁ । ନିରାଶାବାଦୀ ଲୋକଙ୍କ ସହିତ ମିଶିଲେ ନିରାଶା ମିଳିବ । ଖୁସ୍‌ମିଜା୍ ଲୋକଙ୍କୁ ବନ୍ଧୁ ରୂପେ ବାଛନ୍ତୁ ଓ ନିଜେ ଖୁସି ରୁହନ୍ତୁ । ଖୁସି ବାଂଟିଲେ ବଢ଼ିଥାଏ ।

➢ ସହଜରେ ବାଦମରୁ ଚୋପା ଛଡ଼ାଇବାକୁ ଚାହିଁଲେ ତାକୁ ୧୫/୨୦ମିନିଟ୍ ପର୍ଯ୍ୟନ୍ତ ଗରମ ପାଣିରେ ଭିଜାଇଦିଅନ୍ତୁ । ଚୋପା ସହଜରେ ବାହାରିଯିବ ।

➢ ଲେମ୍ବୁ ଟାଣ ହୋଇ ଯାଇଥିଲେ ତାକୁ କିଛି ସମୟ ଗରମ ପାଣିରେ ରଖିନେଲେ ରସ ବାହାରିବା ସହଜ ହୋଇଯାଏ ।

➢ ଚର୍ମ ରୋଗରେ ତୁଳସୀ ପତ୍ରକୁ ଲେମ୍ବୁ ରସ ସହିତ ମିଶାଇ ଲେପ ଦିଆଯାଇଥାଏ

➢ ବେଲପତ୍ରକୁ ଛେଚି ଖାଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

➢ ନିମ ପତ୍ରର ରସ ପିଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

# ରୋଷେଇବାସ



▶ ଚିଙ୍ଗୁଡ଼ି ମାଛର କାତି ଛଡ଼ାଇବା କଷ୍ଟ, ଯଦି ତାକୁ ଉଷୁମ ପାଣିରେ କିଛି ସମୟ ପକାଇଲେ, ତା'ହେଲେ କାତି ଛାଡ଼ିବା ସହଜ ହେବ ।

▶ ଛତୁ ତରକାରୀ ରାନ୍ଧିଲା ବେଳେ ସେଥିରେ କିଛି ବଟର ଓ ୧ଚାମଚ ଲେମ୍ବୁ ରସ ମିଶାଇ ଦିଅନ୍ତୁ । ଦେଖିବେ ଚତୁର ରଙ୍ଗ ଧଳା ରହିବା ସହ ସ୍ୱାଦବି ବଢ଼ିଯିବ ।

▶ ଅଧିକ ପରିବା ରାନ୍ଧିବାକୁ ଥିଲେ ଏବଂ ତାକୁ ମସଲା ଦେଇ କଷୁଥିଲେ, ପ୍ରଥମେ ରାନ୍ଧିବା ପାତ୍ରରେ କିଛି ଲୁଣ ଭାଜି ଦିଅନ୍ତୁ । ତା'ପରେ ତେଲ ଗରମ କରି ମସଲା କଷିଲେ ପରିବା ଲାଗିଯାଇ ପୋଡ଼ିଯାଏ ନାହିଁ ।

▶ ଅଭଙ୍ଗା ଓ ପରିଷ୍କାର ଦୋଷା କରିବାକୁ ଥିଲେ ପ୍ରତ୍ୟେକଥର ତାୱାରେ ତେଲ କନା ଘଷି ଲୁଣ ପାଣି ଛିଂଚି ଦିଅନ୍ତୁ ।

▶ ଛତୁ ରାନ୍ଧିବା ସମୟରେ ବ୍ୟଞ୍ଜନରେ ୨ ଚାମଚ ଗରମ କ୍ଷୀର ମିଶାନ୍ତୁ । ଏପରି କଲେ ବ୍ୟଞ୍ଜନରେ ଛତୁ କଳା ପଡ଼ିବନାହିଁ ।

▶ କ୍ଷୀର ପ୍ୟାକେଟ୍‌ରୁ କ୍ଷୀର ବ୍ୟବହାର କରିସାରିବା ପରେ ବଳକା ଚକଟା ଅଟାକୁ ତା' ମଧରେ ରଖି ଫ୍ରିଜ୍‌ରେ ରଖନ୍ତୁ । ଅଟା ଚକଟା ନରମ ରହିବ ।

▶ ଘରେ ପାମ୍ପଡ଼ ତିଆରି କଲାବେଳେ ଚକଟା ମିଶ୍ରଣକୁ ତେଲ ପରିବର୍ତେ ଘିଅ ଲଗାଇ ବେଲନ୍ତୁ, ଏହାଦ୍ୱାରା ପାମ୍ପଡ଼ କଳା ପଡ଼ିବ ନାହିଁ ।

▶ ମହମବତୀକୁ ଅଧିକ ସମୟ ଓ ଅଧିକ ଉଜ୍ଜ୍ୱଳ କରି ଜଳାଇବାକୁ ଚାହାଁନ୍ତି କି ? ତେବେ ଜଳାଇବା ପୂର୍ବରୁ ମହମବତୀର ବଳିତାରେ ଅଳ୍ପ ଲୁଣ ଘଷି ଦିଅନ୍ତୁ ।

▶ ଯଦି ତରକାରୀ ବା ଡାଲିରେ ଅଧିକ ଲଙ୍କା ପଡ଼ିଯାଉଥାଏ, ତେବେ ସେଥିରେ ଟମାଟୋ ସଶ୍ ପକାନ୍ତୁ ରାଗ କମିଯିବ ।

▶ ପାଳଙ୍ଗ ଶାଗ ତଥା ଅନ୍ୟ ଜାତୀୟ ଶାଗକୁ ଫ୍ରିଜ୍‌ରେ ରଖିଥିଲେ, ତାହା ପଲିଥିନ୍‌ରେ ଗୋଡ଼ାଇ ରଖନ୍ତୁ, ଯେମିତି ତାହାର ମୂଳ ଦିଶୁଥିବ । ଯାହାଫଳରେ ଶାଗ ଦୁଇତିନିଦିନ ପର୍ଯ୍ୟନ୍ତ ସତେଜ ରହିଥାଏ ।

+++



# ସୌନ୍ଦର୍ଯ୍ୟ

★ ଲେମ୍ବୁ ରସରେ ମହୁ ଓ କ୍ଷୀର ମିଶାଇ ତ୍ୱଚାରେ ଲଗାନ୍ତୁ । ଏହାଦ୍ୱାରା ତ୍ୱଚାରେ ଚମକ ଆସିବ ।

★ ଲେମ୍ବୁ କାଟି ମୁହଁରେ ହାଲ୍‌କା ଭାବରେ ଲଗାନ୍ତୁ । କିଛିଦିନ ପରେ ମୁହଁରୁ ଦାଗ ପଳେଇଯିବ ।

★ ଏକ ଚାମଚ କ୍ଷୀରରେ ମଲାଇ ଓ ଏକ ଚାମଚ ଲେମ୍ବୁ ରସ ମିଶାଇ ତ୍ୱଚାରେ ଲଗାନ୍ତୁ । ଗାଧୋଇବାର ଅଧାଘ□। ପୂର୍ବରୁ ଲଗାନ୍ତୁ । ତ୍ୱଚା ସୁନ୍ଦର ହୋଇଯିବ ।

★ ଲେମ୍ବୁ ରସ, ଗ୍ଲିସେରୀନ ଓ ଗୋଲାପଜଳ ସମାନ ମାତ୍ରାରେ ମିଶାଇ ତ୍ୱଚାରେ ଲଗାନ୍ତୁ । ଏହାଦ୍ୱାରା ତ୍ୱଚା ଚିକ୍କଣ ହୋଇଯିବ ।

+++

# ଶିଶୁର ଯତ୍ନ



↔ ଶିଶୁର ଏକ ନିର୍ଦ୍ଦିଷ୍ଟ ଶୋଇବା ସମୟ ନିର୍ଦ୍ଧାରଣ କରନ୍ତୁ । ଅଧିକାଂଶ ଶିଶୁ ରାତିରେ ଶୀଘ୍ର ଶୋଇବା ଫଳରେ ନିଦ୍ରା ଭଲ ହୋଇ ଥାଏ । ଶିଶୁକୁ ସନ୍ଧ୍ୟା ୬ଟା ୩୦ରୁ ୭ଟା ୩୦ମିନିଟ୍ ସମୟ ମଧରେ ଶୋଇବାକୁ ଦିଅନ୍ତୁ ।

↔ ପ୍ରତିଦିନ ଦିନବେଳା କିଛି ସମୟ ଶିଶୁ ଶୋଇବା ଆବଶ୍ୟକ ଏହା ମଧ ରାତ୍ରି ନିଦ୍ରା ସହ ସମାନ ଓ ଭଲ ଫଳ ଦେଇଥାଏ ।

↔ ଶୋଇବା ପୂର୍ବରୁ ଉ□ମଭାବେ ବେଡ୍‌ରୁମ୍‌କୁ ତନଖି କରନ୍ତୁ । ଯେପରିକି ବିଛଣା ଆରାମଦାୟକ କି ନୁହେଁ, କମ୍ବଳ ଉଷୁମ ଅଛି କି ନାହିଁ ଇତ୍ୟାଦି । ବିଭିନ୍ନ ଶୋଇବା ସାମଗ୍ରୀଗୁଡ଼ିକୁ ଉ□ମ ଭାବେ ପ୍ରସ୍ତୁତ କରନ୍ତୁ । ଏପରି ହେଲେ ଶିଶୁଟି ଆରାମରେ ଶୋଇପାରିବ ।

↔ ଶିଶୁକୁ ଉପଯୁକ୍ତ ଖାଦ୍ୟ ଦିଅନ୍ତୁ । ଅତ୍ୟଧିକ ପ୍ରୋଟିନ୍ ଯୁକ୍ତ କିମ୍ବା ଶର୍କରାଯୁକ୍ତ ଖାଦ୍ୟ ବଦଳରେ ଛେନା, ଲହୁଣୀ ଓ ଚିନାବାଦାମ ପରି ସ୍ନେହସାର ଖାଦ୍ୟ ଦିଅନ୍ତୁ । ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଯୋଗୁଁ ଭିଟାମିନ୍ ଅଭାବ ହୋଇଥାଏ । ତେଣୁ ଯେତେ ସମ୍ଭବ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖୁଆଇବା ଉଚିତ ।

↔ ଶିଶୁମାନଙ୍କୁ ଟେଲିଭିଜନ ଠାରୁ ଦୂରେଇ ରଖନ୍ତୁ । ଏହାର ପ୍ରଭାବ ଶିଶୁର ନିଦ୍ରା ଉପରେ ପଡ଼ିଥାଏ । ଯେଉଁ ଶିଶୁ ପ୍ରତିଦିନ ଯଥେଷ୍ଟ ବ୍ୟାୟାମ କରିଥାଏ ତାକୁ ଶୀଘ୍ର ଭଲ ନିଦ ହୋଇଥାଏ ଓ ଉଠିବା ପରେ ବେଶ୍ ପ୍ରଫୁଲ୍ଲତା ଅନୁଭବ କରିଥାଏ ।

↔ ଅଧିକାଂଶ ଶିଶୁ ବେଡ୍‌କୁ ଶୋଇବାକୁ ଯାଆନ୍ତି । ହେଲେ ତା'ର ନିଦ୍ରା ଶୀଘ୍ର ଆସୁଛି କି ନାହିଁ ସେ କଥା ତା'ର ପିତାମାତା ଜାଣିବା ଆବଶ୍ୟକ । ଦରକାର ହେଲେ ଗପ ବହି ପଢ଼ିବା କିମ୍ବା କାହାଣୀ ଆଦି ଶୁଣାଇବା ଆବଶ୍ୟକ । ଏପରି ହେଲେ ଶିଶୁର ନିଦ୍ରାକୁ ନିୟନ୍ତ୍ରଣ କରିହେବ । ଭଲ ନିଦ ହେଲେ ଶଶୁଟି ଉତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବ ।



# ଆଳତୀ ସମୟରେ ସ୍ତୁତି ଗାନ



ଦେବାଦେବୀଙ୍କୁ ଭକ୍ତିରେ ପ୍ରସନ୍ନ କରିବା ପାଇଁ ଅନେକ ପ୍ରକାର ଉପାୟ ରହିଛି । ସେଥିମଧ୍ୟରୁ ଦେବାଦେବୀଙ୍କୁ ଆଳତୀ କରି ପ୍ରସନ୍ନ କରିବା ହେଉଛି ଅନ୍ୟତମ । ଆଳତୀ କରିବା ସମୟରେ ଦେବାଦେବୀଙ୍କ ସ୍ତୁତି କରିବା ଉଚିତ୍ । ତେବେ ଏହି ସ୍ତୁତିକୁ ଅତି ମଧୁର କଣ୍ଠରେ ଗାନ କରିବା ଆହୁରି ମହତ୍ତ୍ୱପୂର୍ଣ୍ଣ ଅଟେ । ମଧୁର କଣ୍ଠରେ ସ୍ୱରକରି ଆଳତୀ ଗାନର କେବଳ ଯେ ଧାର୍ମିକ କାରଣ ରହିଛି ତାହା ନୁହେଁ, ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି ।

ଆଳତୀ କରିବା ସମୟରେ ମଧୁର କଣ୍ଠରେ ଦେବାଦେବୀଙ୍କ ସ୍ତୁତି କରିବା ଦ୍ୱାରା ଭଗବାନ ଶୀଘ୍ର ପସନ୍ନ ହୋଇଥାନ୍ତି ବୋଲି ଧାର୍ମିକ ଦୃଷ୍ଟିରେ କୁହାଯାଇଛି । ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ବି ସଙ୍ଗୀତ ହେଉଛି ମନକୁ ଆନନ୍ଦ ପ୍ରଦାନ କରୁଥିବା ଏକ ମାଧ୍ୟମ । ଆହୁରି ମଧ୍ୟ ପୂର୍ବରୁ ରହିଆସିଛି ଯେ, ଆଳତୀ ସମୟରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର(ଘଂଟ, ଢ଼ୋଲ, ମୃଦଙ୍ଗ, କାହାଳୀ, ବଇଁଶି ଏହିପରି ଅନେକ) ବଜାଇ ସ୍ୱରକରି ସ୍ତୁତି ଗାନ କଲେ ତାହା ଶୀଘ୍ର ଦେବାଦେବୀଙ୍କ ନିକଟରେ ପହଂପାରିଥାଏ ।

ପ୍ରତିଦିନ ତେଣୁ ସକାଳ ସମୟରେ ସୁରତାଳ ସହିତ ଭଗବାନଙ୍କ ଆଳତୀ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ । ଉଚିତ୍ ଭାବେ ଗାଇଲେ ପୂରା ଶରୀର ପ୍ରଭାବିତ ହୁଏ । ଶରୀରକୁ ଶକ୍ତି ମିଳେ । କଣ୍ଠ ମଧ୍ୟ ସଫା ଏବଂ ସୁରିଲା ହୁଏ । ଏହାକୁ ଏକ ପ୍ରକାର ଯୋଗ ମଧ୍ୟ କୁହାଯାଇପାରେ । ଗଳା ସମ୍ପର୍କୀତ କୌଣସି ରୋଗ ହୁଏ ନାହିଁ । ତେଣୁ ଯେତେବେଳେ ଆଳତୀ କରୁଛନ୍ତି ଚେଷ୍ଟା କରନ୍ତୁ ଉଚିତ୍ ସୁରତାଳରେ ଲହରାଇ ଗାଇବାକୁ । ତେବେ ଠାକୁର ଶୀଘ୍ର ପ୍ରସନ୍ନ ହେବା ସହିତ ଆପଣଙ୍କ ସ୍ୱାସ୍ଥ୍ୟ ବି ଭଲ ରହିପାରିବ ।

# ପୁତ୍ରସନ୍ତାନ ପ୍ରାପ୍ତି ନିମନ୍ତେ ଏହି ମନ୍ଦିରରେ ପ୍ରଥମେ କରିବାକୁ ପଡ଼ିଥାଏ ଚୋରି, ପରେ ପୂର୍ଣ୍ଣ ହୁଏ ମନୋସ୍କାମନା

ଭାରତବର୍ଷରେ ଏମିତି ଅନେକ ଶକ୍ତିପୀଠ ରହିଛି ଯେଉଁଠାରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ରହିଛି । ସେହିଭଳି ଏକ ମନ୍ଦିର ହେଉଛି ଉ□ରାଖଣ୍ଡର ଚୁଡ଼ିୟାଲା ଗାଁରେ ଥିବା ସିଦ୍ଧପୀଠ ଚୂଡ଼ାମଣି ଦେବୀଙ୍କ ମନ୍ଦିର । ଏହା ଏକ ଏଭଳି ମନ୍ଦିର ଯାହାର କିମ୍ବଦନ୍ତୀ ଶୁଣିଲେ ଆପଣଙ୍କ ଆଶ୍ଚର୍ଯ୍ୟର ସୀମା ରହିବ ନାହିଁ । ଏହି ମନ୍ଦିରରେ ଥିବା ପରମ୍ପରା ନୈତିକ ଶିକ୍ଷାକୁ କୁଠାରଘାତ କରୁଥିବା କୁହାଯାଏ । ଏହି ଧାର୍ମିକ ସ୍ଥାନରେ ନିଜ ମନୋସ୍କାମନା ପୂର୍ଣ୍ଣ କରିବାକୁ ଲୋକଙ୍କୁ ଚୋରି କରିବାକୁ ପଡ଼ିଥାଏ । ପିଲାଙ୍କୁ ଛୋଟ ବେଳୁ ଚୋରି କରିବା ଭୁଲ କୁହାଯାଉଥିବା ବେଳେ ଉତରାଖଣ୍ଡର ଏହି ମନ୍ଦିରରେ ଦେବୀଙ୍କ ଆଶୀର୍ବାଦ ପାଇଁ ଚୋରି କରିବାକୁ କୁହାଯାଏ ।

ଗ୍ରାମବାସୀଙ୍କ କହିବାନୁସାରେ, ୧୮୦୫ ମସିହାରେ ଲଣ୍ଡୌରା ରାଜବଂଶର ରାଜା ଏହି ମନ୍ଦିର ନିର୍ମାଣ କରିଥିଲେ । କୁହାଯାଏ ଯେ, ରାଜା ଏକଦା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ସେଠାରେ ସେ ମା'ଙ୍କ ପିଣ୍ଡିକୁ ଦର୍ଶନ






କରିଥିଲେ । ରାଜାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ମା'ଙ୍କ ପାଖରେ ପୁଅ ପାଇଁ ମାନସିକ କରିଥିଲେ । ରାଜାଙ୍କ ମାନସିକ ପୂରଣ ହେବା ପରେ ରାଜା ଏଠାରେ ମନ୍ଦିର ନିର୍ମାଣ କରିଥିଲେ । ସେବେଠାରୁ ମନୋସ୍କାମନା ପୂର୍ଣ୍ଣ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଧାଇଁ ଆସିଥାନ୍ତି ।

ମାନ୍ୟତା ରହିଛି ଯେ, ପୁତ୍ର ସନ୍ତାନ ଚାହୁଁଥିବା ବ୍ୟକ୍ତି ଏହି ମନ୍ଦିରକୁ ଆସି ମା'ଙ୍କ ପାଦ ତଳେ ଥିବା ଲୋକଡ଼ାକୁ ଚୋରି କରି ଯଦି ନିଜ ସାଙ୍ଗରେ ନେଇଯାଆନ୍ତି ତେବେ ତାଙ୍କ ଘରେ ପୁଅ ଜନ୍ମ ହୁଏ । ସୂଚନାଯୋଗ୍ୟ ଯେ ଲୋକଡ଼ା ହେଉଛି କାଠରେ ତିଆରି ଏକ କଣ୍ଢେଇ । ପୁଅ ଜନ୍ମ ପରେ ପୁଣି ଥରେ ବ୍ୟକ୍ତିଙ୍କୁ ମା'ଙ୍କ ଦର୍ଶନ ଆସିବାକୁ ପଡ଼ିଥାଏ ।

# ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦିଏ ସପୁରି

ସପୁରି ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ଭରପୂର । ଏଥିରେ ପୋଷକ ତତ୍ତ୍ୱ ସହ ଆଣ୍ଟି ଅକ୍ସିଡା□ର ଗୁଣ ମଧ୍ୟ ରହିଥାଏ । ଏକ ଗ୍ଲାସ ସପୁରି ରସରୁ ୧.୭ ଗ୍ରାମ ପ୍ରୋଟିନ୍, ୨.୩ ଗ୍ରାମ ଫାଇବର ଏଥିସହ ଭିଟାମିନ୍ ସି ଓ ବି-୬ ମିଳିଥାଏ । ତେବେ ଜାଣନ୍ତୁ କିପରି ଭାବେ ସପୁରି ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ । ବିଷାଦ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଏହା ମୁକ୍ତି ଦେଇଥାଏ ।



-ଯଦି ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ତେବେ ସପୁରି ଜୁସ୍ ପିଇଲେ ପ୍ରତିରୋଧକାରୀ ଶକ୍ତି ବଢ଼ିଥାଏ ।

-ଏଥିରେ ଭିଟାମିନ୍ ସି' ଭରପୂର ମାତ୍ରାରେ ରହୁଥିବାରୁ ପାଚନକ୍ରିୟାକୁ ସକ୍ରିୟ କରିଥାଏ । ଏହାର ଜୁସ୍ ପିଇବା ଫଳରେ ରକ୍ତହୀନତା ସମସ୍ୟାରୁ ମୁକ୍ତି ମିଳିଥାଏ । ଏହାକୁ ଆପଣ କାଟି ମଧ୍ୟ ଖାଇପାରିବେ ।

-ଏହାକୁ ଖାଇବାର ଅନେକ ସମୟ ପର୍ଯ୍ୟନ୍ତ ଭୋକ ହୋଇ ନ ଥାଏ । ଫଳରେ ଓଜନ ସନ୍ତୁଳିତ ରହିଥାଏ । ଏଥିରେ ମାଙ୍ଗାନିଜ୍ ଗୁଣ ରହିଥିବାରୁ ଏହା ବିଭିନ୍ନ ହାଡ଼ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

-ଆଧୁନିକ ଜୀବନଶୈଳୀ କାରଣରୁ ଅନେକ ସମୟରେ ବ୍ୟକ୍ତି ବିଷାଦ ମଧ୍ୟକୁ ଚାଲିଯାଇଥାଏ । ସପୁରି ଜୁସ୍ ପିଇବା ଫଳରେ ଏଥିରୁ ମୁକ୍ତି ମିଳିଥାଏ । ଏଥିରେ ଥିବା ଆ□ ଅକ୍ସିଡା□ ଗୁଣ କ୍ୟାନ୍ସରରୁ ମୁକ୍ତି ଦେଇଥାଏ ।

# କିଡ୍‌ନୀ ଷ୍ଟୋନର ଘରୋଇ ଉପଚାର

ଅଁଳା:

ଅଁଳା ମଧ୍ୟ କିଡ୍‌ନୀ ଷ୍ଟୋନରୁ ମୁକ୍ତି ଦେଇଥାଏ । ପ୍ରତିଦିନ ଏକ ଚାମଚ ଅଁଳା ଗୁଣ୍ଡ ଖାଇବା ଫଳରେ ଏଥିରୁ ମୁକ୍ତି ମିଳିଥାଏ ।

ଓଲିଭ୍ ଅଏଲ୍ ଓ ଲେମନ୍ ଜୁସ୍:

ଯଦି ଆପଣଙ୍କ କିଡ୍‌ନୀରେ ଷ୍ଟୋନ ସମସ୍ୟା ରହିଛି ଏବଂ ବିନା ଅସ୍ତ୍ରୋପଚାରରେ ଆପଣ ଏଥିରୁ ମୁକ୍ତିପାଇବାକୁ ଚାହୁଁଛନ୍ତି ତେବେ ଆପଣ ଓଲିଭ୍ ଅଏଲ୍‌ରେ ଲେମ୍ବୁରସ ମିଶାଇ ପିଇବା ଫଳରେ ଏହି ସମସ୍ୟା ଦୂର ହୋଇଥାଏ । ଲେମ୍ବୁରସ ଷ୍ଟୋନ୍‌କୁ ଭାଙ୍ଗିବାରେ ସାହାଯ୍ୟ କଲାବେଳେ ଓଲିଭ୍ ଅଏଲ୍ ଏହାକୁ ବାହାରକୁ କାଢ଼ିବାରେ ସହାୟକ ହୋଇଥାଏ ।



# ଶେଷାବତାର ବଳରାମ



ଭଗବାନ ବଳରାମ ସ୍ୱୟଂ ଶେଷନାଗଙ୍କ ଅବତାର । ଭଗବାନ ବିଷ୍ଣୁଙ୍କ ସେବାରେ ସେ ସର୍ବଦା ଉପସ୍ଥିତ । ତ୍ରେତୟାରେ ସେ ଶ୍ରୀରାମଙ୍କ କନିଷ୍ଠ ଭ୍ରାତା ଲକ୍ଷ୍ମଣ ଭାବରେ ଅବତାର ନେଇଥିଲେ । ଦ୍ୱାପରରେ ବଳରାମ ମାତା ରୋହିଣୀଙ୍କ ଗର୍ଭରୁ ଜାତ ହୋଇଥିଲେ । ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜାତ ଶ୍ରୀକୃଷ୍ଣ ଅତ୍ୟାଚାରୀ କଂସର ବଧ କରିବେ ବୋଲି ଆକାଶବାଣୀ ହୋଇଥିଲା । ଏହାଜାଣି କଂସ ନିଜ ଭଉଣୀ ଦେବକୀଙ୍କ ଗର୍ଭରୁ ଜାତ ୬ଜଣ ସନ୍ତାନଙ୍କୁ କଂସ ବଧ କଲା । କିନ୍ତୁ ଦେବକୀଙ୍କ ସପ୍ତମ ଗର୍ଭ ନଷ୍ଟ ହୋଇଗଲା ବୋଲି ମଥୁରାବାସୀ ଜାଣିଲେ । ବାସ୍ତବରେ ଦେବୀ ଯୋଗମାୟା ଦେବକୀଙ୍କ ଗର୍ଭରୁ ସନ୍ତାନକୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରିଥିଲେ । ଦେବକୀ ମଥୁରାରେ ଥିଲେ ଏବଂ ରୋହିଣୀ ଗୋପପୁରରେ । ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣିଥିବାରୁ ସେହି ସନ୍ତାନ ସଂକର୍ଷଣ ନାମରେ ବିଖ୍ୟାତ ହେଲେ । ଯେପରି କାଠରୁ ଅଗ୍ନି ଏବଂ ସମୁଦ୍ର ଗର୍ଭରୁ ଚନ୍ଦ୍ରମା ଉଦିତ ହୋଇଥାଏ, ସେହିପରି ଭଗବାନ ବଳରାମ ପ୍ରକଟ ହେଲେ । ଚନ୍ଦ୍ର ସର୍ବଦା ଉପସ୍ଥିତ ରହିଥାନ୍ତି, କିନ୍ତୁ ସମୁଦ୍ର କୂଳରେ ଥାଇ ଦେଖୁଥିବା ବ୍ୟକ୍ତି ଏହି ଭ୍ରମରେ ଥାଏ ଯେ ଚନ୍ଦ୍ରମା ସାଗରର ଗର୍ଭରୁ ବାହାରୁଛି । ଠିକ୍ ସେହିପରି ଭଗବାନ ଯେତେବେଳେ ପ୍ରକଟ ହୁଅନ୍ତି, ଦେଖିବା ଲୋକ ଭାବେ ଯେ ସେ ଗର୍ଭରୁ ପ୍ରକଟ ହେଉଛନ୍ତି । ଜନ୍ମ ସମୟରେ ବଳରାମ ଭଗବାନଙ୍କ ଅଙ୍ଗକାନ୍ତିରେ ସାରା ଅଂଚଳରେ ଆଲୋକ ଖେଳିଯାଇଥିଲା । ଶ୍ରୀନନ୍ଦରାଜା ଶିଶୁର କର୍ମ ସଂସ୍କାର କରି ବ୍ରାହ୍ମଣଙ୍କୁ ଦଶ ଲକ୍ଷ ଗାଈ ଦାନ କରିଥିଲେ । ଗୋପବାସୀଙ୍କୁ ଡାକି ମହାମଙ୍ଗଳମୟ ଉତ୍ସବ ପାଳନ କରିଥିଲେ । ବଳରାମଙ୍କ ଜନ୍ମ ଦେଇଥିବା କାରଣରୁ ମାତା ରୋହିଣୀଙ୍କ ଗର୍ଭରୁ ୫ ଦିନ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ ବାହାରୁଥିଲା । ଦେବଳ, ଦେବରାତ, ବଶିଷ୍ଠ, ବୃହସ୍ପତି, ନାରଦ, ଶ୍ରୀବେଦବ୍ୟାସ ଆଦି ଅନେକ ଋଷି ଶିଶୁ ରୂପରେ ଭଗବାନ ବଳରାମଙ୍କ ଦର୍ଶନ ନିମନ୍ତେ ଆସିଥିଲେ । ସେମାନେ ତାଙ୍କ ଦିବ୍ୟ ଆଭା ଦେଖି ବଳରାମଙ୍କ ସ୍ତୁତି କରିଥିଲେ । ଶ୍ରୀବେଦବ୍ୟାସ କହିଲେ, ଆପଣ ଦେବଗଣଙ୍କ ଅଧିପତି ଏବଂ କାମପାଳ । ଆପଣ ସାକ୍ଷାତ ଅନନ୍ତ, ବଳରାମ । ଆପଣ ଧରଣୀଧର, ପୂର୍ଣ୍ଣସ୍ୱରୂପ, ସ୍ୱୟଂପ୍ରକାଶ ଶଙ୍କର୍ଷଣ । ହେ ରେବତୀରମଣ, ଆପଣ ବଳଦେବ ଏବଂ ଆପଣ ହିଁ ଶ୍ରୀକୃଷ୍ଣଙ୍କ ଅଗ୍ରଜ । ଆପଣ ବଳ, ବଳଭଦ୍ର ତଥା ତାଳ ଚିହ୍ନ ଯୁକ୍ତ ଧ୍ୱଜା ଧାରଣକାରୀ । ଆପଣ ନୀଳବସ୍ତ୍ରଧାରୀ, ଗୌରବର୍ଣ୍ଣ ଏବଂ ରୋହିଣୀନନ୍ଦନ । ଆପଣଙ୍କର ଜୟ ହେଉ । ଏହିପରି ବଳରାମଙ୍କ ସ୍ତୁତି କରି ସମସ୍ତ ଋଷିଗଣ ଗୋପପୁରରୁ ଫେରିଥିଲେ ।

# ଏହି ସ୍ଥାନରେ ଶେଷଥର ପାଇଁ ତପସ୍ୟା କରିଥିଲେ ଲକ୍ଷ୍ମଣ, କଣ ରହିଛି ଏହାର ମହତ୍ତ୍ୱ

ଋକ୍ ବେଦରେ ଉ□ାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି । ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି । କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋ□ମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତରାଖଣ୍ଡ ସହ ସଂଯୋଗ ରହିଥିଲା । ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉ□ରାଖଣ୍ଡରେ କରିଥିଲେ । ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତରାଖଣ୍ଡର ଗଢୱାଲରେ କରିଥିଲେ । ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢୱାଲର ତପୋବନରେ କରିଥିଲେ । ଯଦି ଆପଣ କେବେ ଉତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ





ଶୁଣିଥିବେ । ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ । ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ । ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ । ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ । ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂଗ କରାଯାଇଥାଏ । ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ । ପର୍ଯ୍ୟଟକମାନେ ଏଠାରେ ସାତୋପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି । ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି । ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ ।

# ଅନେକ ରୋଗରୁ ମୁକ୍ତି ଦିଏ ନଡ଼ିଆ ତେଲ

ନଡ଼ିଆ ଖାଇବାକୁ ଯେତିକି ଭଲ ଲାଗିଥାଏ ତା'ର ତେଲ ମଧ୍ୟ ସେତିକି ସ୍ୱାସ୍ଥ୍ୟ ଉପକାରୀ । ଏହାକୁ ନିୟମିତ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରିବା ଫଳରେ ହାର୍ଟଠାରୁ ଆରମ୍ଭ କରି ପାଚନ ତନ୍ତ୍ରରେ କୌଣସି ସମସ୍ୟା ହୋଇ ନ ଥାଏ । ତେବେ ଜାଣନ୍ତୁ ନଡ଼ିଆ ତେଲର ଉପକାରୀ ଗୁଣ ସମ୍ପର୍କରେ ।

-ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫଳରେ ମେଟାବୋଲିଜମ୍ ବଢ଼ିଥାଏ ।

-ଏଥିରେ ପ୍ରସ୍ତୁତ ଖାଦ୍ୟ ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ । ପେଟ ସମସ୍ୟା ଜନିତ ରୋଗରୁ ମୁକ୍ତି ମିଳିଥାଏ ।

-ନଡ଼ିଆ ତେଲ ବ୍ୟବହାର ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ି କୌଣସି ସଂକ୍ରମଣ ହୋଇ ନ ଥାଏ ।

-ଏହାକୁ ଡାଏଟ୍‌ରେ ସାମିଲ କରିବା ଫଳରେ ହାର୍ଟ ସମସ୍ୟା ଦୂର ହୋଇଥାଏ ।

# ଆଜ୍‌ମାରୁ ଦୂରେଇ ରହିବେ କିପରି



ଶୀତଦିନେ ପରିବେଶ ଥଣ୍ଡା ରହିବା ଯୋଗୁ କେତେକଙ୍କଠାରେ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ । ଏହାକୁ ଚିକିତ୍ସକମାନେ ଆଜ୍‌ମା ସମସ୍ୟା ବୋଲି କହିଥାନ୍ତି । ଏଥିପାଇଁ ଔଷଧ ଖାଇବାକୁ ଚିକିତ୍ସକ ପରାମର୍ଶ ଦେଇଥାନ୍ତି । ତେବେ ସଜନା ଛୁଇଁ ଖାଇଲେ ଏହି ସମସ୍ୟାରୁ ସହଜରେ ମୁକ୍ତି ମିଳିଥାଏ । ସଜନା ଛୁଇଁରେ ପ୍ରଚୁର ମାତ୍ରାରେ ଭିଟାମିନ୍ ଏବଂ ପ୍ରୋଟିନ୍ ରହିଛି । ଏଥିରେ ଭିଟାମିନ୍ ସି ଥିବାରୁ ଏହା ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିବା ସହିତ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରିଥାଏ । ଏଥିରେ ପ୍ରଚୁର ପରିମାଣରେ ଖଣିଜ, ଲୌହ, ଭିଟାମିନ୍-ବି-୬, ଫୋଲିକ୍ ଏସିଡ୍ ଆଦି ତ□ ରହିଛି । ଏହା ପାଚନଶକ୍ତି ବଢାଇବାରେ ସହାୟକ ହୋଇଥାଏ । ଏହାକୁ ତରକାରୀ କରି ଅବା ଭାଜି ଖାଇଲେ ସୁଫଳ ମିଳିଥାଏ । ତେବେ ଏକ ପାତ୍ରରେ ପାଣିନେଇ ସେଥିରେ ସଜନା ଛୁଇଁ ପକାଇ ଏହାର ବାଷ୍ପ ଆଘ୍ରାଣ କଲେ ଆରାମ ମିଳେ । ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧୀ ସାବ୍ୟସ୍ତ ହୋଇଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି ।

# ଦୁର୍ଗାପ୍ରସାଦଙ୍କୁ ସଂଯୋଗୀ ଯୁବ ପ୍ରତିଭା ସମ୍ମାନ



କେନ୍ଦୁଝର(ନି.ପ୍ର.) ମାନସ ପୀଠ କେନ୍ଦୁଝର ଓ ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠା କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ-୨୦୨୬ ରେ ଯୁବ ସଙ୍ଗୀତକାର, ସାହିତ୍ୟିକ ସାଇ ଦୁର୍ଗାପ୍ରସାଦଙ୍କୁ ସଂଯୋଗୀ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଅଛି । ରବିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ଭବ୍ୟ ସମହାରରେ ରାଜ୍ୟର ପ୍ରତ୍ୟେକ ପ୍ରାନ୍ତରୁ ପ୍ରାୟତଃ ୫୦୦ ସାରସ୍ୱତ ସାଧକ/ସାଧିକା ମାନଙ୍କ ଉପସ୍ଥିତିରେ ଦୁର୍ଗାପ୍ରସାଦଙ୍କୁ ଉପଢୌକନ, ମାନପତ୍ର, ସ୍ମାରକୀ ଓ ସ୍ରଷ୍ଟା ସ୍ରୋତସ୍ୱିନୀ ଦେଇ ମଂଚାସିନ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବାବୁଲାଲ ପଲେଇ,କୋଷାଧକ୍ଷ ସନ୍ତୋଷ ପତି ଏବଂ ସଭାପତି ଉପେନ୍ଦ୍ର ଦାସଙ୍କ ପୌରହିତ୍ୟରେ ରାଜ୍ୟସ୍ତରୀୟ ସମାବେଶକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାହିତ୍ୟିକ ମାନେ ଭୂୟସୀ ପ୍ରଶଂସା କରିଛନ୍ତି । ଆଜି ସମାରୋହରେ ଶବ୍ଦ ଭାରତୀ କବି ଦ୍ୱୈଦତ ପ୍ରଧାନ,ସନ୍ତୋଷ ପତି, ଲିସନ ମହାନ୍ତି ଓ ବାବୁଲାଲ ପଲେଇ ଆଦି କବିଙ୍କ ସ୍ୱରଚିତ କବିତାକୁ ଦୁର୍ଗାପ୍ରସାଦ ସଙ୍ଗୀତ ସଂଯୋଜନା କରି ୬ଗୋଟି ଗୀତ ପ୍ରସ୍ତୁତ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ନିକଟରେ ସାଇ ଦୁର୍ଗାପ୍ରସାଦ ସୃଜନଝର ସମ୍ମାନ,ଗନ୍ଧଝର ସମ୍ମାନ,ଉଦୟରାଗ ସମ୍ମାନ ଭଳି ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତି କରିଛନ୍ତି ।

# ସମ୍ବଲପୁର ହେଡକ୍ୱାର୍ଟର ଏନ୍ ସି ସି ଗ୍ରୁପ୍ କମାଣ୍ଡରଙ୍କ ୧୪ ଓଡ଼ିଶା ବାଟାଲିୟନ ପରିଦର୍ଶନ




କେନ୍ଦୁଝର(ନି.ପ୍ର.) ଏନ୍ ସି ସି କ୍ୟାମ୍ପ-୨ ଜୁନ୍ ୧ ରୁ ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି ।ଶିବିରର ୭ମ ଦିବସରେ ସମ୍ବଲପୁର ଗ୍ରୁପ୍ ହେଡକ୍ୱାର୍ଟର ଏନ୍ ସି ସି ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ୍ ୧୪ ଓଡ଼ିଶା ବାଟାଲିୟନ ପରିଦର୍ଶନ କରିଛନ୍ତି ।ପ୍ରଥମେ ବାଟାଲିୟନ ତରଫରୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା ।ପରେ କ[ଜେ[ ତରଫରୁ ମାର୍ଚ୍ଚ ପାଷ୍ଟ ର ଅଭିବାଦନ ଗ୍ରହଣ କରିଥିଲେ । ୧୪ ଓଡ଼ିଶା ବାଟାଲିୟନ ଏନ୍ ସି ସି କେନ୍ଦୁଝର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ବଲପୁର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ୍ କ୍ୟାଡେଟ୍ ମାନଙ୍କୁ ଶୃଙ୍ଖଳା,କଠିନ ପରିଶ୍ରମ ଏବଂ ସମର୍ପଣ ସହିତ ମାତୃଭୂମିର ସେବା ପାଇଁ ପ୍ରୟାସ କରିବାକୁ ଉପଦେଶ ଦେଇଥିଲେ ।ପ୍ରଶାସନିକ ଅଧିକାରୀ ଲେଫ୍ଟନା[ କର୍ଣ୍ଣେଲ ମୟୂର ଘାଡଗେ ଏବଂ ସୁବେଦାର ମେଜର ମହମ୍ମଦ ଉପସ୍ଥିତ ଥିଲେ ।ଏହି ଶିବିରରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟ ରୁ ପ୍ରାୟ ୬୦୦ ଜଣ କ୍ୟାଡେଟ୍ ପ୍ରଶିକ୍ଷଣ ନେଉଛନ୍ତି ।କ୍ୟାମ୍ପରେ ଭାଗ ନେଉଥିବା ଆ଼.ଡି.ସି.,ଆଇ.ଡି. ଏସ୍.ଏସ୍.ସି.,ଟି.ଏସ୍.ସି,ସି.ଏ.ଟି.ସି କ୍ୟାଡେଟ ମାନଙ୍କ ସହ ଆଲୋଚନା କରିଥିଲେ ।ଲେଫ୍ଟନା[ ଦୀପକ କୁମାର ଗିରି,ଉମାକାନ୍ତ ବେହେରା,ଦିଗାମ୍ବର ରାଉତ,ନିହାର ରଞ୍ଜନ ମହାନ୍ତ,ଅରୁଣ କୁମାର ଜେନା,ଚିଫ ଅଫିସର୍ ମାନସ ରଞ୍ଜନ ପ୍ରଧାନ,ଫାର୍ଷ୍ଟ ଅଫିସର୍ ପୂର୍ଣ୍ଣଚନ୍ଦ୍ର ପାତ୍ର,ସେକେଣ୍ଡ ଅଫିସର୍ ବିଜୟ କୁମାର ବେହେରା ଏବଂ ୧୮ ଜଣ ପି ଆଇ ଷ୍ଟାଫ୍ ଙ୍କ ଦ୍ୱାରା କ୍ୟାମ୍ପ ସୁପରିଚାଳନାକୁ ଗ୍ରୁପ୍ କମାଣ୍ଡର ପ୍ରଶଂସା କରିଥିଲେ ।

# ବାଲି ଚୋରି କରୁଥିବା ଟ୍ରାକ୍ଟର ଧକ୍କାରେ ଗାଡ଼ି ନଷ୍ଟ: ଅଳ୍ପକେ ବର୍ତ୍ତିଲେ ଭଦ୍ରକ ଉପଜିଲ୍ଲାପାଳ

ଧାମନଗର,(ନି.ପ୍ର.): ଧାମନଗର ତହସିଲ ଅଂଚଳରେ ବେଆଇନ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଂଚିଛି । ସାଧାରଣ ଜନତା ତ ଛାଡ଼ନ୍ତୁ, ଏବେ ଖୋଦ୍ ପ୍ରାଶାସନିକ ଅଧିକାରୀ ତଥା ମାଜିଷ୍ଟ୍ରେଟ୍? ମଧ୍ୟ ଏମାନଙ୍କ କୋପରୁ ବର୍ତ୍ତି ପାରୁନାହାନ୍ତି । ଶନିବାର ଅପରାହ୍ଣ ପ୍ରାୟ ୨ଟା ବେଳେ ଏକ ଭୟଙ୍କର ଦୁର୍ଘଟଣାରୁ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବାଲି ଚୋରି କରୁଥିବା ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ତାଙ୍କ ସରକାରୀ ଗାଡ଼ିଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ରବିବାର ଧାମନଗର ବ୍ଲକ ସୋହଡ଼ା ପଂଚାୟତର ପିତେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ 'ସ୍ୱାବଲମ୍ବୀ ଯୁବ ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହାର ସଫଳ ପରିଚାଳନା ପାଇଁ ଶନିବାର ମଧ୍ୟାହ୍ନରେ ବିଦ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ । ବୈଠକ ସରିବା ପରେ ସେ ନିଜ ସରକାରୀ ଗାଡ଼ିରେ ଭଦ୍ରକ ଫେରୁଥିବା ବେଳେ ପିତେଇପୁରଠାରେ ବୈତରଣୀ ନଦୀବନ୍ଧ ଉପରକୁ ଉଠି ଷେଣ୍ଢପୁର ଦିଗରେ ଆସୁଥିଲେ । ତେବେ କ[।ପାରୀ ଓ ବୈତରଣୀ ବ୍ରିଜ୍ ଛକ ମଝିରେ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଉପଜିଲ୍ଲାପାଳଙ୍କ ସରକାରୀ ଗାଡ଼ିକୁ ପଛପଟୁ ଖୁବ୍ ଜୋରରେ ଧକ୍କା ଦେଇଥିଲା । ଧକ୍କା ଏତେ ଶକ୍ତ ଥିଲା ଯେ ଗାଡ଼ିର ପଛ ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ତାହା ନଦୀବନ୍ଧ ଧାରକୁ ଖସି ଯାଇଥିଲା । ମାତ୍ର ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଓ ସତର୍କତା ଯୋଗୁଁ ଗାଡ଼ିଟି ବନ୍ଧ ତଳକୁ ଖସୁ ଖସୁ ରହିଯାଇଥିଲା ଏବଂ ଏକ ବଡ଼ ବିପତି ଟଳି ଯାଇଥିଲା ।ଦୁର୍ଘଟଣା ପରେ ଉପଜିଲ୍ଲାପାଳ ଓ ତାଙ୍କ ଡ୍ରାଇଭର ଗାଡ଼ିର କ୍ଷତି ଦେଖୁଥିବା ବେଳେ ସୁଯୋଗ ଦେଖି ଟ୍ରାକ୍ଟର ଡ୍ରାଇଭର ସେଠାରୁ ଗାଡ଼ି ନେଇ ଛୁ ମାରିଥିଲା । ଉପଜିଲ୍ଲାପାଳ ଓ ତାଙ୍କ ପଛରେ ଆସୁଥିବା ଅନ୍ୟ ସରକାରୀ ଅଧିକାରୀମାନେ ତୁରନ୍ତ ସମ୍ପୃକ୍ତ ବାଲି ଟ୍ରାକ୍ଟରକୁ ପିଛା କରିଥିଲେ ହେଁ ଡ୍ରାଇଭର ଜଣକ ଗାଡ଼ି ସହ ଗାଁ ଭିତରକୁ ପଶି ଫେରାର ହେବାରେ ସଫଳ ହୋଇଥିଲା । ଫଳରେ ଉପଜିଲ୍ଲାପାଳ ବାଧ ହୋଇ ସେଠାରୁ ଫେରିଥିଲେ । ଜଣେ ଶାସକ ଦଳର ନେତା ଙ୍କ ଇଙ୍ଗିତ ରେ ଷେଣ୍ଢପୁର, କ[।ପାରୀ ଓ ବେଦପୁର ଅଂଚଳରେ ଦୀର୍ଘ ଦିନ ହେବ ବେଆଇନ ଭାବେ ବାଲି ଚୋରି ବ୍ୟାପକ ରୂପେ ହେଉଚି । ଗାଡ଼ି ମାଲିକମାନେ ସରକାରୀ ନିୟମକୁ ବେଖାତିର କରି ବୈତରଣୀ ନଦୀ ଗର୍ଭରୁ ମନଇଚ୍ଛା ବାଲି ଉତୋଳନ କରୁଛନ୍ତି । ବାଲି ଚୋରିର ଏହି ଅନ୍ଧ ପ୍ରତିଯୋଗିତା ଯୋଗୁଁ ଟ୍ରାକ୍ଟର ଡ୍ରାଇଭରମାନେ ନଦୀବନ୍ଧ ଭଳି ଅଣଓସାରିଆ ରାସ୍ତାରେ ଅତି ବେପରୁଆ ଭାବେ ଗାଡ଼ି ଚଲାଉଛନ୍ତି, ଯାହା ଫଳରେ ନିୟମିତ ଭାବେ ସ୍ଥାନୀୟ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ।

ରାଜ୍ୟ ଖଣି ବିଭାଗକୁ ବାଲିଘାଟ ନିଲାମ ଓ ତଦାରଖ ଦାୟିତ୍ୱ ହସ୍ତାନ୍ତର ହେବା ପୂର୍ବରୁ ଉପଜିଲ୍ଲାପାଳ ହିଁ ଏହାର ସର୍ବେସର୍ବା ଥିଲେ ଏବଂ ସେ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ମଧ । ହେଲେ ବାଲି ମାଫିଆଙ୍କ ସାହସ ଏତେ ବଢ଼ିଯାଇଛି ଯେ ସେମାନେ ଜଣେ ଜିଲ୍ଲା ସ୍ତରୀୟ ଶୀର୍ଷ ଅଧିକାରୀଙ୍କୁ ଧକ୍କା ଦେବାକୁ ପଛାଉ ନାହାନ୍ତି । ଏହି ସମ୍ବେଦନଶୀଳ ଘଟଣା ପରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ କ୍ଷୋଭ ପ୍ରକାଶ କରିବା ସହ ଧାମନଗର ଅଂଚଳରେ ବେଆଇନ ବାଲି ଚୋରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆଗାମୀ ଦିନରେ ଚଢ଼ଉ କୁ ଜୋରଦାର କରାଯିବ ବୋଲି ଦୃଢ଼ ଚେତାବନୀ ଦେଇଛନ୍ତି ।

# ଆଦିବାସି କୁଡମି ସମାଜର ବୈଠକ ଅନୁଷ୍ଠିତ

କେନ୍ଦୁଝର(ନି.ପ୍ର.) ଆଦିବାସି କୁଡମୀ ସମାଜ ର ଏକ ରାଜ୍ୟ ସ୍ତରିୟକାର୍ଯ୍ୟ କାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଦୋଳଗୋବିନ୍ଦ ମହନ୍ତ,ରାଜ୍ୟ ସାଧାରଣ ସମ୍ପାଦକ ମିଲନଚନ୍ଦ୍ର ମହନ୍ତ କେନ୍ଦ୍ର କମିଟି ର ସଞ୍ଜୀବ ମହନ୍ତ,ମହାଦେବ ଦୁଙ୍ଗୁରିଆର ୨୦୨୭ ଜନଗଣନା ରେ କୁଡ଼ମି ନିଜର ଜାତି କୁଡ଼ମୀ ଭାଷା କୁଡ଼ମାଲି ଲେଖିବା ପାଇଁ ଉପଦେଶ ଦେଇଥିଲେ । ଝାଡ଼ଖଣ୍ଡ ରେ କୁଡମୀ ମାନେ ଆଦିବାସି ର ସୁବିଧା ନେଉଥିବା କହିଥିଲେ । କୁଡମି ଆଉ କୁରମି ଅଲଗା ଅଲଗା ଜାତି ବୋଲି କହିଥିଲେ,ଏହି



ବୈଠକରେ ଓଡ଼ିଶା ରେ ବସବାସ କରୁଥିବା ସମସ୍ତ ଜିଲ୍ଲା ରୁ ଆସି ଥିବା ସଦସ୍ୟ ମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତ,ନାରାୟଣ ମାହାନ୍ତ,ଯୁଗଳ ମାହାନ୍ତ, ଲାଲ ମୋହନ ମହାନ୍ତ ,ମିଶ୍ର ମାହାନ୍ତ,ଦେବାନନ୍ଦ ମହାନ୍ତ,ବୈକୁଣ୍ଠ ମାହାନ୍ତ,ମମତା ମହାନ୍ତ,ସବିତା ମହାନ୍ତ ,ଭାରତୀ ମହାନ୍ତ,କେତକୀ ମହାନ୍ତ,ଲକ୍ଷ୍ମଣ ମହନ୍ତ,ମୁରଲୀ ମହନ୍ତ,ଠାକୁର ମହାନ୍ତ,ତପନ୍ ମହାନ୍ତ,ଭରତ ମହାନ୍ତ,ଫକିର ମହନ୍ତ,ଅହଲ୍ୟା ମହାନ୍ତ କୁନ୍ତଳା ମହନ୍ତ,କୁନ୍ତଳା ମହାନ୍ତ,ପ୍ରିୟଙ୍କା ମହାନ୍ତ,ଯୋଶଦା ମହନ୍ତ, ଚିତରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଘ ଛାଲ ଜବତ, ୮ଜଣ ଗିରଫ

ରାୟଗଡା (ନି.ପ୍ର.) ପୁଣି ଜବତ ହେଲା ବାଘ ଛାଲ ଓ ଗିରଫ ହେଲେ ୮ ଜଣ ତସ୍କର । ବାଘ ଛାଲ ଡିଲ୍ ବେଳେ ମାଡି ବସିଲା ବନ ବିଭାଗ । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବନାଂଚଳ ଅଧିନରେ ଥିବା ରିବଲକଣାରେ ବନ ବିଭାଗ ପକ୍ଷରୁ ଏପରି ଚଢାଉ କରାଯାଇଛି । ଗୋଟିଏ ଚିତା ବାଘ ଛାଲକୁ ଏକ ଘରେ ମୁଲଚାଲ କରୁଥିବା ବେଳେ ବନ ବିଭାଗର ରେଞ୍ଜରଙ୍କ ସଚ୍ଚିଦାନନ୍ଦ ପରିଡା ଓ ଫରେଷ୍ଟର



ଶିବପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମାଡି ବସିଛି । ଏହି ଘଟଣାରେ ପୁଲିସ କଳାହାଣ୍ଡି ଜିଲ୍ଲାର ୩ଜଣ ଓ ରାୟଗଡା ଜିଲ୍ଲାର ୫ ଜଣଙ୍କୁ ଗିରଫ୍ କରିବା ସହ ତିନୋଟି ବାଇକ୍ ଓ ୮ ଟି ମୋବାଇଲ୍ ଜବତ କରିଛି । ଗିରଫ୍ ହୋଇଥିବା ଅଭିଯୁକ୍ତ ମାନେ ହେଲେ ମୁଲୁଗା ମାଝୀ,ଭରତ ନାଚିକା,ଇଜିରାଓ ବାବୁ,ସୀମାଂଚଳ ତାଡିଙ୍ଗି,କୌଳାସ ଜାନୀ,ପ୍ରଶାନ୍ତ କାଡ୍ରାକା,ଧରମା ପାଲିକା ଓ ଯିତେନ୍ଦ୍ର ବେନିଆ ବୋଲି ସୂଚନା ମିଳୁଛି । ଗିରଫ୍ ହୋଇଥିବା ଏହି ଅଭିଯୁକ୍ତ ମାନେ ବାଘ ଛାଲକୁ କମ୍ ଦାମରେ କିଣି ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଯୋଜନା କରୁଥିଲେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । କୌଣସି ସୂତ୍ରରୁ ଖବର ପାଇଁ ଆଜି ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବେଲକଣା ଗ୍ରାମରେ ଥିବା ଏକ ଘରେ ଚଢାଉ କରିଥିଲା । ଗିରଫ୍ ଅଭିଯୁକ୍ତ ମାନଙ୍କୁ ଜେରା କରାଯିବା ପରେ କୋର୍ଟ ଚାଲାଣ କରାଯିବ ବୋଲି କୁହାଯାଇଛି ।

# ଖଇରାରେ ବାର ଏସୋସିଏସନ ଗଠନ ପାଇଁ ପ୍ରସ୍ତୁତି

ଖଇରା(ନି.ପ୍ର.)ବାଲେଶ୍ୱର ଜିଲାର ଖଇରା ଠାରେ ଗତମାସ କୋର୍ଟ ଖୋଲିଥିବା ବେଳେ ବାର ଏସୋସିଏସନ ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ହୋଇଛି । ରବିବାର ବରିଷ୍ଠ ଆଇନଜିବୀ କାଶିନାଥ ମୁଦୁଲିଙ୍କ ସଭାପତିତ୍ୱରେ ଓକିଲ ବନ୍ଧୁ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଗତ ରବିବାର ଅନୁଷ୍ଠିତ ବୈଠକ ଅଧାରୁ ସ୍ଥଗିତ ଥିବା ରୁ କୌଣସୀ କମିଟି ହୋଇନଥିବା ଶ୍ରୀ ମୁଦୁଲି ସୂଚନା ଦେଇଥିଲେ । ଆଗାମୀ ଦିନରେ ଖୁବଶୀଘ୍ର ସୋର ଓ ବାଲେଶ୍ୱର ବାର ଏସୋସିଏସନର କର୍ମକ□ାଙ୍କୁ ଖଇରା ବାର ଆସୋସିଏସନ ଗଠନ କରିବାକୁ ସର୍ବସମ୍ମ□ ନିଷ୍ପ□ ଗ୍ରହଣ କରାଯାଇଥିଲା । ରବିବାରର ବୈଠକରେ ଚତୁର୍ଭୁଜ ଜେନା,ପ୍ରଫୁଲ୍ଲ କୁମାର ପଣ୍ଡା,କେଶବ ଚନ୍ଦ୍ର ରାଉତ,ଅଭିମନ୍ୟୁ ବେହେରା,ନିରଞ୍ଜନ ବେହେରା,ବସନ୍ତ କୁମାର ସ,କମଳେଶ କୁମାର ଦାଶ,ଜ୍ଞାନରଞ୍ଜନ ପଣ୍ଡା,ପାର୍ଥସାରଥି ମହାପାତ୍ର,ଜୟନ୍ତ କୁମାର ନାୟକ,ଜିତେନ୍ଦ୍ର କୁମାର ନାୟକ,ଲକ୍ଷ୍ମୀକାନ୍ତ ରାଉତ,ନଳିନୀପ୍ରଭା ଦାସଙ୍କ ସହ ଅନ୍ୟବହୁ ଅଆଇନଜିବୀ ବନ୍ଧୁ ଉପସ୍ଥିତ ଥିଲେ ।

# ଫିଟ ରହିବାର ସିକ୍ରେଟ ବତାଇଲେ ଖଇରା ଆଇଆଇସି

ଖଇରା(ନି.ପ୍ର.)ବାଲେଶ୍ୱର ଜିଲା ର ବିଭିନ୍ନ ଥାନା ପକ୍ଷରୁ ରବିବାର ସାଇକେଲ ଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ମଧ୍ୟ ନିଜ କର୍ମଚାରୀଙ୍କ ସହ ୬କିମି ର ସାଇକେଲ ଯାତ୍ରା କରି ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାର ବାର୍ତା ଦେଇଛନ୍ତି । ଏହା ମାଧ୍ୟମରେ ନିଜକୁ ଫିଟ ରଖାଯାଇପାରିବ ବୋଲି ମଧ୍ୟ କହିଛନ୍ତି । ତାଙ୍କ ନେତୃତ୍ୱରେ ଏହି ସାଇକେଲ ଶୋଭାଯାତ୍ରା ଖଇରା ଥାନାରୁ ବାହାରି ମହତୀପୁର ଛକ ପର୍ଯ୍ୟନ୍ତ ଯାଇ ପୁନଶ୍ଚ ଥାନାକୁ ଫେରିଥିଲା । ତାଙ୍କ ସହ ଏଏସଆଇ ଗୌରହରି ବୁଗୁଡାଇ,ସଞ୍ଜୀବ ଖୁଂଟିଆ,ମନସ୍ମିତା ମହାନ୍ତି ପ୍ରମୁଖ ସାମିଲ ଥିଲେ ।

# ତିନୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ




ବୋରିଗୁମ୍ମା(ନି.ପ୍ର.)- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ ଟି ପ୍ରାଥମିକ ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଭିତିପ୍ରସ୍ତର ସ୍ଥାପନ କରି ଶୁଭାରମ୍ଭ କରିଥିଲେ ।ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ବ୍ଲକ ର ବି ଜାନିଗୁଡା,ବି ସିଂପୁର ଓ ନାରୀଗାଁ ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ରୂପାନ୍ତରଣ କରାଯାଇଛି ।ପ୍ରଥମେ ରଣସପୁର ପଂଚାୟତ ଅନ୍ତର୍ଗତ ବି ଜାନିଗୁଡ଼ା ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ ।ଅନ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ନାଥ ଶତପଥୀ, ପ୍ରୋଗ୍ରାମର ଭାବେ ଏଡିଇଓ ଅର୍ପିତା ପ୍ରଧାନ, ସ୍ଥାନୀୟ ସରପଂଚ ଟଙ୍କଧର ନାୟକ, ସ୍କୁଲ କମିଟି ସଭାପତି ଡାନିଆଲ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଖଡା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।ସେହିପରି ବିଧାୟକ ତାରାପ୍ରସାଦ ବାହିନୀପତି ପହଂଚି ବିସିଂପୁର ପ୍ରାଥମିକ ବିଦ୍ୟାଳୟରେ ପହଂଚି ସେଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ର ଭିତିପ୍ରସ୍ତର ସ୍ଥାପନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରୋଗ୍ରାମର ଭାବେ ସେମିଳିଗୁଡ଼ା ବିଇଓ ଭବାନୀ ପଟ୍ଟନାୟକ,ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ନାଥ ଶତପଥୀ, ସରପଂଚ ରୁପା ଯାନୀ, ସମିତି ସଭ୍ୟା ରଶ୍ମି ଅମନାତ୍ୟ,ସ୍କୁଲ କମିଟି ସଭାପତି ତପନ କୁମାର ପଣ୍ଡା ଯୋଗ ଦେଇଥିଲେ ।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ମହାନ୍ତି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।ଶେଷରେ ନାରୀଗାଁ ବିଦ୍ୟାଳୟ ରେ ବିଧାୟକ ଶ୍ରୀ ବାହିନୀପତି ପହଂଚି ଜିଏମଏପିଭି ବିଦ୍ୟାଳୟ ର ଭିତିପ୍ରସ୍ତର ସ୍ଥାପନ କରିଥିଲେ ।ପ୍ରୋଗ୍ରାମର ଭାବେ ବୋରିଗୁମ୍ମା ଏବିଇଓ ସୁବାସ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଶତପଥୀ, ସ୍ଥାନୀୟ ସରପଂଚ ରେବତୀ ପୂଜାରୀ, ସ୍କୁଲ କମିଟି ସଭାପତି ସରୋଜ କୁମାର ଦୋରା, ବ୍ଲକ ଅଧକ୍ଷା ଦିପ୍ତୀମୟୀ ନାୟକ,ବ୍ଲକ ଏଇଇ ପ୍ରକାଶ ପ୍ରଧାନ, ଡିପିଇପି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ ଉପସ୍ଥିତ ଥିଲେ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବାଲାଜି ପଣ୍ଡା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ଆସନ୍ତା ୧୩ରୁ ୪ଦିନିଆ ସୁନ୍ଦରପୁର ରଜ ମହୋତ୍ସବ

## ଦର୍ଶକଙ୍କ ମନ ମୋହିବେ ଓଲିଉଡ ଗାୟିକା,ଅଭିନେତା ଓ ଅଭିନେତ୍ରୀ



ଖଇରା(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ଗ୍ରାମ ପ□ାୟତ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚଳିତ ମାସ ୧୩ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ରଜମହୋତ୍ସବ ଆୟୋଜିତ ହେବାକୁ ଯାଉଛି । ୪ଦିନ ଧରି ସଭା ସମ୍ବର୍ଦ୍ଧନା ସାଙ୍ଗକୁ ସ୍ଥାନୀୟ ପ୍ରତିଭାଧାରୀ ମାନଙ୍କ ଦ୍ୱାରା ନୃତ୍ୟଗୀତ ସାଙ୍ଗକୁ ଓଡିଶାର ପ୍ରସିଦ୍ଧ କଳାକାର ମାନେ ନୃତ୍ୟଗୀତ ଓ ସଂଳାପ ପରିବେଷଣ କରିବେ । ଅପରାହ୍ନରେ ରଜରାଣୀ ପ୍ରତିଯୋଗିତା ସାଙ୍ଗକୁ ଅନ୍ତିମ ଦିବସରେ ଜୁନିୟର,ସବଜୁନିୟର ଓ ସିନିୟର ସ୍ତରରେ ରାଜରାଣୀ ମାନଙ୍କୁ ରୁପା ମୁକୁଟ ପ୍ରଦାନ କରାଯିବ । ଚଳିତ ବର୍ଷ ପ୍ରଥମକରି ଯୁବ ଦର୍ଶକଙ୍କୁ ଆକର୍ଷିତ କରିବା ଲାଗି ଆଇପିଏଲ ଭଳି ଏକ କ୍ରିକେଟ ଟୁର୍ନାମେ□ ଅନୁଷ୍ଠିତ ହେବାକୁ ଯାଇଛି । ଏହାବ୍ୟତିତ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପୁଚି,ମେହେନ୍ଦି,ଶଙ୍ଖଫୁଙ୍କା ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏହାଛଡା ଦର୍ଶକମାନେ ମୀନାବଜାର,ଦୋଳି ତଥା ରଜପିଠାର ସ୍ୱାଦ ନେବାର ବ୍ୟବସ୍ଥା କରାଯାଇଛି । ୧୨ତାରିଖରେ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ବୋଲି ରବିବାର ସୁନ୍ଦରପୁର ହାଇସ୍କୁଲ ପଡିଆରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରଜମହୋତ୍ସବ କମିଟି ର କର୍ମକ□ା ମାନେ ଗଣମାଧ୍ୟମକୁ ସୁଚନା ଦେବା ଅବସରରେ ପ୍ରକାଶ କରିଛନ୍ତି । ମହୋତ୍ସବ କମିଟିର ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତ,ବରିଷ୍ଠ ସଭ୍ୟ ନରହରି ନାୟକ,ବୁଦ୍ଧିରାମ ପାଣିଗ୍ରାହୀ, ଡା ହରେକୃଷ୍ଣ ରାଉତ,ବରେନ୍ଦ୍ର କୁମାର ନାୟକଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ବେତନଟୀରେ ଇନଭର୍ଟର ସ୍ପାର୍କିଙ୍ଗ୍‌ରୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ଛାରଖାର

ବେତନଟୀ,(ନି.ପ୍ର.))ମୟୂରଭଞ୍ଜ ଜିଲ୍ଲା ବେତନଟୀ ବଜାର ଉପକଣ୍ଠ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରେ ଥିବା ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଆଜବେଷ୍ଟସ ଘରେ ଇନଭର୍ଟର ସ୍ପାର୍କିଙ୍ଗ ଯୋଗୁଁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ଜଳିପୋଡ଼ି ଛାରଖାର ହୋଇଯାଇଛି । ଅଗ୍ନିକାଣ୍ଡ ନିୟନ୍ତ୍ରଣ ପାଇଁ ବେତନଟୀ ଓ ବଡସାହି ଅଗ୍ନିଶମ ବାହିନୀର ମିଳିତ ପ୍ରୟାସରେ ପ୍ରାୟ ତିନି ଘ[।ରୁ ଅଧିକ ସମୟ ଲାଗିଥିଲା । ସୂଚନା ଅନୁଯାୟୀ, ବ୍ୟବସାୟୀ ମଳୟ କୁମାର ଦାସଙ୍କ ୮ ବଖରା ବିଶିଷ୍ଟ ଆଜବେଷ୍ଟସ ଘରେ ଗୁରୁବାର ବିଳମ୍ବିତ ରାତିରେ ଇନଭର୍ଟରରୁ ସ୍ପାର୍କିଙ୍ଗ ହୋଇ ନିଆଁ ଲାଗିଥିଲା । ନିଆଁ କ୍ରମଶଃ ସମଗ୍ର ଘରକୁ ବ୍ୟାପି ଯାଇଥିଲା । ଭୋର ପ୍ରାୟ ଚାରିଟା ସମୟରେ ନିଆଁ ଲାଗି ଥିବା ଜଣାପଡ଼ିଥିଲା । ଖବର ପାଇ ତୁରନ୍ତ ବେତନଟୀ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ସତ୍ୟବାଦୀ ପଲେଇ ସଦଳବଳରେ ଘଟଣାସ୍ଥଳରେ ପହଂଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ । ତଥାପି ନିଆଁର ତୀବ୍ରତା ଦେଖି ବଡସାହି ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା । ଉଭୟ ଟିମ୍ ପ୍ରାୟ ତିନି ଘ[।ରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଉଦ୍ୟମ କରି ସକାଳ ପ୍ରାୟ ସାତଟାରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ ।



ଏହି ଅଗ୍ନିକାଣ୍ଡରେ ମୋଟରସାଇକେଲ, ସାଇକେଲ, ୱାସିଂ ମେସିନ୍, ଟ୍ରେଡମିଲ୍, ଲ୍ୟାପଟପ୍, ଇନଭର୍ଟର ସମେତ ଘରର ବିଭିନ୍ନ ମୂଲ୍ୟବାନ୍ ସାମଗ୍ରୀ ସମ୍ପୂର୍ଣ୍ଣ ଜଳିପୋଡ଼ି ଯାଇଛି । ପ୍ରାଥମିକ ଅନୁମାନ ଅନୁସାରେ କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି । ଭାଗ୍ୟବଶତଃ ପୂରା ପରିବାର ପାଖଘରେ ଶୋଇଥିବାରୁ କୌଣସି ପ୍ରାଣହାନି ହୋଇନାହିଁ । ଅଗ୍ନିକାଣ୍ଡ ସମୟରେ ନିଆଁ ପାଖ ପଡୋଶୀଙ୍କ ଘରକୁ ବ୍ୟାପିବାର ଆଶଙ୍କା ଥିଲା, କିନ୍ତୁ ଅଗ୍ନିଶମ ବାହିନୀର ତ୍ୱରିତ ଓ ଦକ୍ଷ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହା ରୋକାଯାଇ ପାରିଥିଲା । ନିଆଁ ଲିଭା କାର୍ଯ୍ୟରେ ବେତନଟୀ ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଅଗ୍ନିକର୍ମୀ ରତିକାନ୍ତ ଦାସ, ଗୌରାଙ୍ଗ ବେହେରା, ଉଦୟ ବାସ୍କେ, ରାକେଶ ମାଝୀ, ବିଦ୍ୟାଧର ମହାଳିକ, ପ୍ରଭୁପ୍ରସାଦ ସାହୁ, ସରୋଜ ଜାମୁଡ଼ା, ଡ୍ରାଇଭର ହାବିଲଦାର ଧନେଶ୍ୱର ଟୁଡୁ ପ୍ରମୁଖ ଅଗ୍ନିକର୍ମୀମାନେ ଦୀର୍ଘ ଘ[। ଧରି ଅକ୍ଳାନ୍ତ ପରିଶ୍ରମ କରିଥିଲେ । ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଆଶା କରାଯାଉଛି । ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ବିସ୍ତୃତ ତଦନ୍ତ ଚାଲିଛି ।

# ଆବଶ୍ୟକ ପ୍ରମାଣପତ୍ର ବିଳମ୍ବ ଯୋଗୁଁ ଅଟକିବନି ଆଡମିଶନ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପାଇଁ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ । ଆବଶ୍ୟକ ପ୍ରମାଣପତ୍ର ବିଳମ୍ବ ଯୋଗୁଁ କୌଣସି ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନରେ ନାମଲେଖାରୁ ବଂଚିତ ହେବେନି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଛନ୍ତି । ଯୁକ୍ତ ଦୁଇ ଓ ସ୍ନାତକ ନାମଲେଖା ପ୍ରକ୍ରିୟା ଆରମ୍ଭ ପରେ ସାର୍ଟିଫିକେଟ୍ ପାଇଁ ଆବେଦନ ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ରାଜସ୍ୱ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । Odisha Right to Public Services Act, ୨୦୧୨ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ଭିତରେ ସମସ୍ତ ଆବେଦନ ନିଷ୍ପତି କରିବାକୁ କୁହାଯାଇଛି । ଘରର ଠିକଣା ଓ ଆୟ ପ୍ରମାଣପତ୍ର ଭଳି ଆଧାରିତ ସାର୍ଟିଫିକେଟ୍ ଅନାବଶ୍ୟକ ଅଟକାଇ ରଖିବାକୁ ମନା କରାଯାଇଛି । ଜାତି ପ୍ରମାଣପତ୍ର ପାଇଁ ଗାଁ ଗୁଡିକରେ ଶୀଘ୍ର କ୍ଷେତ୍ର ଯାଂଚ କରିବାକୁ ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କୁ ନିର୍ଦ୍ଦେଶ ରହିଛି । ତହସିଲ୍ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ଅତିରିକ୍ତ କାଗଜପତ୍ର ମାଗି ଆବେଦନକାରୀଙ୍କୁ ହଇରାଣ ନ କରିବାକୁ ସତର୍କ କରାଯାଇଛି । District ପୋର୍ଟାଲରେ ଆସୁଥିବା ଆବେଦନଗୁଡ଼ିକୁ ତୁରନ୍ତ ପ୍ରକ୍ରିୟାକରଣ କରିବା ସହ ସରକାରୀ ରେକର୍ଡ ଓ ଡିଜିଟାଲ୍ ମାଧ୍ୟମ ବ୍ୟବହାର କରି ଯାଂଚ ତ୍ୱରାନ୍ୱିତ କରିବାକୁ କୁହାଯାଇଛି ।



# ୭ ରାଜ୍ୟରେ ପହଂଚିଲା ମୌସୁମୀ : ୨୧ ରାଜ୍ୟକୁ ବର୍ଷା ଆଲର୍ଟ



ନୂଆଦିଲ୍ଲୀ: ଦେଶରେ ଗ୍ରୀଷ୍ମ ପ୍ରବାହ ଭିତରେ ଆଶ୍ୱସ୍ତିର ଖବର । ୩ ଦିନ ବିଳମ୍ବରେ ଆସିଥିଲେ ମଧ୍ୟ ଏବେ ସୁପର ସ୍ପିଡ୍‌ରେ ଆଗକୁ ବଢ଼ୁଛି ମୌସୁମୀ ବାୟୁ । ମାତ୍ର ୪ ଦିନ ମଧ୍ୟରେ ମୌସୁମୀ ଦେଶର ୭ଟି ପ୍ରମୁଖ ରାଜ୍ୟକୁ ଛୁଇଁସାରିଲାଣି । ମହାରାଷ୍ଟ୍ରର ଉପକୂଳ ଜିଲ୍ଲାରେ ମୌସୁମୀ ପ୍ରବେଶ କରିସାରିଥିବା ବେଳେ ଆସନ୍ତା ୪୮ ଘଂଟା ମଧ୍ୟରେ ଏହା ସମଗ୍ର ମହାରାଷ୍ଟ୍ରକୁ ଛୁଇଁବ । ଏଥିସହ ପୂର୍ବୋତ୍ତର ଭାରତର ମିଜୋରାମ ଏବଂ ମଣିପୁରରେ ମଧ୍ୟ ମୌସୁମୀ ପହଂଚିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ଦୁଇ ଦିନ ମଧ୍ୟରେ ମୌସୁମୀ ବାୟୁ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ବାକି ଅଂଶ ସହ ତେଲେଙ୍ଗାନା ଏବଂ ପୂର୍ବୋତ୍ତରର ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ ଛୁଇଁବ କରିବ । ବର୍ତମାନ କେରଳ, କର୍ଣ୍ଣାଟକ, ଗୋଆ ଏବଂ ତାମିଲନାଡୁର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଗୁଜରାଟକୁ ଛାଡ଼ି ଦେଶର ବାକି ପ୍ରାୟ ସମସ୍ତ ରାଜ୍ୟରେ ଏବେ ପ୍ରି-ମୌସୁମୀ ବର୍ଷା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ମଧ୍ୟପ୍ରଦେଶ, ଉତର ପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ଶନିବାର ଜୋରଦାର ବର୍ଷା ରେକର୍ଡ କରାଯାଇଛି । ମଧ୍ୟପ୍ରଦେଶର ଭୋପାଳ ସମେତ ୪ଟି ଜିଲ୍ଲାରେ ଘଂଟାପ୍ରତି ୫୦ କିଲୋମିଟର ବେଗରେ ପ୍ରବଳ ଝଡ଼-ତୋଫାନ୍ ଦେଖିବାକୁ ମିଳିଥିଲା । ରାଜସ୍ଥାନର ବିକାନେରରେ ବର୍ଷା ସହିତ ପ୍ରବଳ କୁଆପଥର ମାଡ଼ ହୋଇଥିବା ବେଳେ ୟୁପିର କିଛି ଅଂଚଳରେ ବର୍ଷା ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି ।



# କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଚିନ୍ତନ ଶିବିରରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତକାଲି ଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି । ଗତବର୍ଷ ସଫଳତାର ସହ 'ୱାର୍ଲଡ ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗୀତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗୀତା ଓଡ଼ିଶାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତିଭୂମିକୁ ମଜବୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି । ଏହା ସହିତ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଂଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସେ ଆହୁରି କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର 'ଗ୍ରୋଥ୍ ଇଞ୍ଜିନ' ହେବା ଲକ୍ଷ୍ୟରେ କ୍ରୀଡ଼ା କ୍ଷେତ୍ରର ଏକ ବଡ଼ ଭୂମିକା ରହିବ । ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଉତମ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବା ଏକ ନିୟମିତ ଘଟଣାରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆଜିର ଆଲୋଚନା ଯଦିଓ ଏସି ରୁମ୍ ରେ ହେଉଛି ମାତ୍ର ଏହାର କାର୍ଯ୍ୟକାରୀ ୪୦ ଡିଗ୍ରୀ ଖରାରେ ହେବ । ବଣ ମଲ୍ଲୀ ଆଉ ବଣରେ ଫୁଟି ଝଡିଯିବ ନାହିଁ, ଏବେ ସମୟ ଆସିଛି ବଣ ମଲ୍ଲୀ ବିଶ୍ୱ ଦରବାରରେ ମହକିବ । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ , କ୍ରୀଡ଼ା ନିର୍ଦ୍ଦେଶକ ଡ଼ା ଯେଦୁଲା ବିଜୟ ଙ୍କ ସମେତ, କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ ଓ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ ।




# ଖୋର୍ଦ୍ଧାରେ ପ୍ରତିଷ୍ଠା ହେବ ହୀରା କାରଖାନା

## ୫୦୦ କୋଟି ଟଙ୍କାର ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ମଞ୍ଜୁରୀ




ଖୋର୍ଦ୍ଧା: ରାଜ୍ୟରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ଏକ କୃତ୍ରିମ ହୀରା ପ୍ରସ୍ତୁତି ୟୁନିଟ୍ ପ୍ରତିଷ୍ଠା ନେଇ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ପ୍ରାୟ ୫୦୦ କୋଟି ଟଙ୍କା ପୁଞ୍ଜିନିବେଶ କରାଯିବ । ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପକୁ ଅନୁମତି ମିଳିଛି । ଏହି ଅତ୍ୟାଧୁନିକ କାରଖାନା ରାଜ୍ୟର ଅର୍ଥନୈତିକ ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡିବ ବୋଲି ଶିଳ୍ପ ବିଭାଗ ଆଶା ରଖିଛି । ସବୁଠାରୁ ବଡ଼ କଥା ହେଉଛି କାରଖାନା ପ୍ରତିଷ୍ଠା ହେବା ଦ୍ୱାରା ସ୍ଥାନୀୟ ଅଂଚଳରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଶହ ଶହ ସ୍ଥାନୀୟ ଯୁବକ ଓ ଯୁବତୀଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୋଜଗାର ମିଳିପାରିବ ଯାହା ବେକାରୀ ସମସ୍ୟା ଦୂର କରିବାରେ ବହୁମାତ୍ରାରେ ସାହାଯ୍ୟ କରିବ । ବର୍ତମାନ ବିଶ୍ୱ ବଜାରରେ ଲାବରେ ପ୍ରସ୍ତୁତ ହେଉଥିବା ହୀରାର ଚାହିଦା ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଖଣିରୁ ବାହାରୁଥିବା ପ୍ରାକୃତିକ ହୀରା ତୁଳନାରେ ଏହା ଶସ୍ତା ଏବଂ ପରିବେଶ ଅନୁକୂଳ ହୋଇଥିବାରୁ ଗ୍ରାହକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି । ଖୋର୍ଦ୍ଧାରେ ଏହି ଶିଳ୍ପର ପ୍ରତିଷ୍ଠା ଓଡ଼ିଶାକୁ ଏକ ନୂଆ ପରିଚୟ ଦେବା ସହ ଆନ୍ତର୍ଜାତୀୟ ବଜାରରେ ଯୋଡିବ ।

# ମାଗଣା ୟୁପିଏସ୍‌ସି କୋଚିଂ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି




ଭୁବନେଶ୍ୱର : ୨୦୨୬ ୨୭ ବର୍ଷ ପାଇଁ ୟୁପିଏସ୍‌ସି ମାଗଣା କୋଚିଂ ପାଇଁ ଆବେଦନ ଆସନ୍ତା ୮ ତାରିଖ (ସୋମବାର)ଠୁ ଆରମ୍ଭ ହେବ । ୧୯ ତାରିଖ ଯାଏ ଆବେଦନ କରିହେବ । ୨୦ ତାରିଖରେ ଫର୍ମ ସଂଶୋଧନର ସୁଯୋଗ ଦିଆଯିବ । ୨୮ରେ ପ୍ରବେଶିକା ପରୀକ୍ଷା ହେବ । ଏଥିପାଇଁ ଜୁନ୍ ୨୪ ତାରିଖରେ ସାମ୍ସ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଆଡମିଟ୍ କାର୍ଡ ମିଳିବ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ସୋମବାର ଦିନ ୧୧ଟାରୁ ସାମ୍ସ ପୋର୍ଟାଲ୍ ?ରେ ଆବେଦନ ପାଇଁ ୱେବ୍‌ସାଇଟ୍ ଖୋଲିବ । ୧୯ ତାରିଖ ରାତି ୧୧ଟା ୪୫ ମଧ୍ୟରେ ଆବେଦନର ସୁଯୋଗ ରହିବ । ୨୯ ତାରିଖରେ ପ୍ରୋଭିଜ୍ନାଲ ଆନ୍ସର କି' ସାମ୍ସ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍ରେ ଉପଲବ୍ଧ ହେବ । ଜୁଲାଇ ୨ରୁ ୩ ତାରିଖ ମଧ୍ୟରେ ପରୀକ୍ଷାର୍ଥୀ ପ୍ରୋଭିଜ୍ନାଲ ଆନ୍ସର କି'କୁ ଚ୍ୟାଲେଞ୍ଜ କରିପାରିବେ । ଜୁଲାଇ ୮ ରେ ସଂଶୋଧିତ ଆନସର କି' ପ୍ରକାଶ ପାଇବ । ସିଲେକ୍ସନ୍ ତାଲିକା, ଡକ୍ୟୁମେଂଟ ସଂଶୋଧନ, ପାଠପଢ଼ା କେବେଠୁ ଆରମ୍ଭ ହେବ ସେନେଇ ପରବର୍ତୀ ଚିଠି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯିବ । ଇଚ୍ଛୁକ ଶିକ୍ଷାର୍ଥୀ ସାମ୍ସ ୱେବ୍‌ସାଇଟ୍ www.dhe.odisha.gov.in/ https://degree.samsodisha.gov.in/CSC/default.aspxରେ ଆବେଦନ କରିପାରିବେ । ଆବେଦନ ଫି ୧୦୦ ଟଙ୍କା ରଖାଯାଇଛି । ଷ୍ଟାଫ୍ ସିଲେକ୍ସନ୍ ବୋର୍ଡ ପକ୍ଷରୁ ପ୍ରବେଶିକା ପରୀକ୍ଷା କରାଯିବ । ପ୍ରବେଶିକା ପରୀକ୍ଷା ୨ଟି ସେକ୍ସନରେ ହୋଇପାରେ । ସେକ୍ସନ୍-ଏରେ ଜେନେରାଲ ଷ୍ଟଡିଜ୍, ସେକ୍ସନ୍-ବିରେ ଆପ୍ଟିଚୁଡ୍ ଟେଷ୍ଟ ରହିବ । ପରୀକ୍ଷାର ସମୟ ୨ ଘଂଟା ରହିବ । ସେକ୍ସନ୍ ବି ପରୀକ୍ଷାରେ ସର୍ବନିମ୍ନ ୩୩ ପ୍ରତିଶତ ମାର୍କ ରଖିବା ଆବଶ୍ୟକ । ୟୁପିଏସ୍‌ପି ପାଠ୍ୟକ୍ରମ ଅନୁଯାୟୀ ପରୀକ୍ଷାରେ ପ୍ରଶ୍ନ ଆସିପାରେ । ଏହି ପରୀକ୍ଷାରେ ଉତୀର୍ଣ୍ଣ ୨୦୦ ଶିକ୍ଷାର୍ଥୀଙ୍କୁ ମାଗଣାରେ ୟୁପିଏସ୍ସି କୋଚିଂ ଦିଆଯିବ । ଏଥିରୁ ୩୩ ପ୍ରତିଶତ ସିଟ୍ ମହିଳାଙ୍କ ପାଇଁ ସଂରକ୍ଷଣ ରହିବ । ୨୧ରୁ ୩୦ ବର୍ଷ ମଧ୍ୟରେ ପିଲାମାନେ ଏହି କୋଚିଂ ପାଇଁ ଆବେଦନ କରିପାରିବେ । ୧୧ ମାସ ପାଇଁ କୋଚିଂ ଦିଆଯିବ । ଆବାସିକ କୋଚିଂ ଦିଆଯିବ । ରହିବା, ଖାଇବାର ସୁବିଧା ମଧ୍ୟ କରିବେ ସରକାର ।

# ଓଡ଼ିଶାରେ ଏସଆଇଆର : ନବମ ଦିନରେ ୨ କୋଟିରୁ ଅଧିକ ଭୋଟରଙ୍କୁ ଫର୍ମ ବଂଟନ ଶେଷ

ଭୁବନେଶ୍ୱର : ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଓଡ଼ିଶା ଏକ ବଡ଼ ସଫଳତା ହାସଲ କରିଛି । ଏହି ସ୍ୱତନ୍ତ୍ର ଅଭିଯାନର ମାତ୍ର ୯ମ ଦିନ ସୁଦ୍ଧା ରାଜ୍ୟର ୨ କୋଟିରୁ ଅଧିକ ଭୋଟରଙ୍କ ନିକଟରେ ସମ୍ପୃକ୍ତ ଫର୍ମ ପହଂଚାଇବା କାର୍ଯ୍ୟ ସଫଳତାର ସହ ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୋଟରଙ୍କୁ ଏହି ଫର୍ମ ବଂଟନ କରାଯାଇ ସାରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ମାତ୍ର ୯ ଦିନ ଭିତରେ ୨ କୋଟି ୩୧ଲକ୍ଷ ୭୭ ହଜାର ୮୪ ଜଣ ଭୋଟରଙ୍କ ପାଖରେ ପହଂଚିବା ପ୍ରଶାସନର ଦ୍ରୁତ କାର୍ଯ୍ୟଦକ୍ଷତା ଓ ସୁପରିଚାଳନାକୁ ଦର୍ଶାଉଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ପ୍ରକ୍ରିୟାର କଡ଼ା ଅନୁଧ୍ୟାନ କରାଯାଉଥିବା ବେଳେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅତ୍ୟନ୍ତ ନିଷ୍ଠାର ସହ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି । ଯେଉଁ ଯୋଗ୍ୟ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ ।

# କମର୍ସିଆଲ ପରେ ମହଙ୍ଗା ହେଲା ଘରୋଇ ଏଲପିଜି ସିଲିଣ୍ଡର ଦର



ନୂଆଦିଲ୍ଲୀ : ଦେଶରେ ମୁଦ୍ରାସ୍ଫୀତି ସାଧାରଣ ଲୋକଙ୍କୁ ନାକେଦମ କରିଛି । ଦିନକୁ ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଙ୍ଗା ହେଉଛି । ସାଧାରଣ ଜନତାଙ୍କୁ ଦରଦାମ ବୃଦ୍ଧିର ଆଉ ଏକ ବଡ଼ ଝଟକା ଲାଗିଛି । ତେଲ, ସିଏନସି ଏବଂ କମର୍ସିଆଲ ଗ୍ୟାସ ଦର ଲଗାତାର ବଢିବା ପରେ ଏବେ ଘରୋଇ ଏଲପିଜି ସିଲିଣ୍ଡର ଦରରେ ବୃଦ୍ଧି ହୋଇଛି । ସିଲିଣ୍ଡର ପିଛା ୨୯ ଟଙ୍କା ବୃଦ୍ଧି ହୋଇଛି । ଆଜିଠୁ ସାରା ଦେଶରେ ନୂଆ ଦର ଲାଗୁ ହୋଇଛି । ଦିଲ୍ଲୀରେ ବର୍ତମାନ ଏହି ବୃଦ୍ଧି ସହିତ ଦର ୯୪୨ ଟଙ୍କା ରହିଛି । ପୂର୍ବରୁ ୧୪.୨ କେଜି ସିଲିଣ୍ଡରର ମୂଲ୍ୟ ଥିଲା ୯୩୯ ଟଙ୍କା । ମାର୍ଚ୍ଚରେ ଘରୋଇ ଗ୍ୟାସ୍ ସିଲିଣ୍ଡର ୬୦ ଟଙ୍କା ବୃଦ୍ଧି ହୋଇଥିଲା । ସାଧାରଣ ଲୋକଙ୍କୁ ଦରବୃଦ୍ଧିର ଏହା ଆଉ ଏକ ଝଟକା ଦେଇଛି । ଶନିବାର ରାତିରେ ଘରୋଇ ରନ୍ଧନ ଗ୍ୟାସ୍ ଏଲ୍‌ପିଜି ସିଲିଣ୍ଡର ପିଛା ୨୯ ଟଙ୍କା ବୃଦ୍ଧି ହୋଇଛି । ଏହି ବର୍ଦ୍ଧିତ ଦର ୭ ତାରିଖ ମଧ୍ୟରାତ୍ରରୁ ଲାଗୁ କରାଯାଇଛି । ଗତ ୩ ମାସରେ ଘରୋଇ ଏଲ୍‌ପିଜି କ୍ଷେତ୍ରରେ ଏହା ଦ୍ୱିତୀୟ ବୃଦ୍ଧି । ଏହା ପୂର୍ବରୁ ଗତ ମାର୍ଚ୍ଚ ୭ ତାରିଖରେ ଘରୋଇ ଏଲ୍‌ପିଜି ଦର ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ାଯାଇଥିଲା । ଦିଲ୍ଲୀରେ ବର୍ତମାନ ୧୪.୨ କି.ଗ୍ରାର ଘରୋଇ ଏଲ୍ପିଜି ସିଲିଣ୍ଡର ଦର ୯୧୩ ଟଙ୍କାରୁ ବୃଦ୍ଧି ପାଇ ୯୪୨ ଟଙ୍କା ହୋଇଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ତୈଳ ଯୋଗାଣ ପ୍ରଭାବିତ ହୋଇଥିବା ବେଳେ ତୈଳ କମ୍ପାନିମାନେ ବିପୁଳ କ୍ଷତି ସହୁଛନ୍ତି । ତାକୁ ଦୃଷ୍ଟିରେ ରଖି ସେମାନେ ପୁଣିଥରେ ଏଲ୍ପିଜି ଦର ବଢ଼ାଇଛନ୍ତି । ଗତ ମେ ମାସ ମଧ୍ୟଭାଗରୁ ପର୍ଯ୍ୟାୟ କ୍ରମେ ପେଟ୍ରୋଲ ଓ ଡିଜେଲ ଦର ଏପର୍ଯ୍ୟନ୍ତ ଲିଟର ପିଛା ପ୍ରାୟ ୭ ଟଙ୍କା ୫୦ ପଇସା ବୃଦ୍ଧି ପାଇଥିବା ବେଳେ ସିଏନ୍ଜି ଦର ମଧ୍ୟ କେ.ଜି ପିଛା ୬ ଟଙ୍କା ବଢ଼ିଛି । ଦର ବୃଦ୍ଧି ସତ୍ୱେ ତୈଳ କମ୍ପାନିମାନେ ଲିଟର ପିଛା ପେଟ୍ରୋଲରେ ୧୧ ଟଙ୍କା ଓ ଡିଜେଲରେ ୩୩ ଟଙ୍କା ୬୦ ପଇସା କ୍ଷତି ସହୁଥିବା ଦାବି କରିଛନ୍ତି । ସେମାନଙ୍କ କହିବାନୁଯାୟୀ ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁ ଯୋଗାଣ ପ୍ରଭାବିତ ହୋଇଛି ।

# ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୪୫୧ ରନ୍ ପଛରେ ପକାଇଲା ଭାରତ




ନ୍ୟୁ ଚଣ୍ଡିଗଡ଼: ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ର ମୁଲାନପୁରସ୍ଥିତ ମହାରାଜା ଯଦବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଏହି ମୁକାବିଲାର ଦ୍ୱିତୀୟ ଦିନରେ ରବିବାର ଖେଳ ଶେଷ ହୋଇଛି । ଦ୍ୱିତୀୟ ଦିନର ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଆଫଗାନିସ୍ତାନର ସ୍କୋର ପ୍ରଥମ ପାଳିରେ ୫ଟି ୱିକେଟ୍ ହରାଇ ୧୧୩ ରନ୍ ହୋଇଛି । ରହମତ ଶାହ ଅପରାଜିତ ୪୩ ରନ୍ ସଂଗ୍ରହ କରିଛନ୍ତି । ପ୍ରଥମ ପାଳର ଆଧାରରେ ଆଫଗାନିସ୍ତାନ ଏବେ ୪୫୧ ରନ୍ ପଛରେ ଅଛି । ଆଫଗାନିସ୍ତାନ ୩୯.୫ ଓଭରରେ ୫ଟି ୱିକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍‌ରେ ପଦାର୍ପଣ କରିଥିବା ଭାରତୀୟ ବୋଲର ମାନବ ସୁଥାର ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି । ମୁକାବିଲାରେ ଭାରତୀୟ ଟିମ୍ ନିଜର ପ୍ରଥମ ପାଳି ୮ଟି ୱିକେଟ ହରାଇ ୫୬୪ ରନ୍‌ରେ ଘୋଷଣା କରିଥିଲା । ଭାରତ ପାଇଁ ଅଧିନାୟକ ଶୁଭମନ ଗିଲ (୧୨୬ ରନ୍) ଏବଂ କେଏଲ୍ ରାହୁଲ (୧୦୦ ରନ୍) କରିଥିଲେ । ଭାରତୀୟ ଅଧିନାୟକ ଗିଲ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ । ଆଫଗାନିସ୍ତାନର ପ୍ରଥମ ପାଳିରେ ଆରମ୍ଭ ଉତ୍ସାହଜନକ ନଥିଲା । ଅବ୍ଦୁଲ ମଲିକ କେବଳ ୧୬ ରନ୍ କରି ଆଉଟ୍ ହୋଇଥିଲେ । ତାଙ୍କୁ ମାନବ ସୁଥାର ଆଉଟ୍ କରିଥିଲେ । ଏହା ପରେ ପ୍ରସିଦ୍ଧ କୃଷ୍ଣ ଚମତ୍କାର ବୋଲିଂ କରି ଦେଦିକୁଲ୍ଲାହ ଅଟଲ (୧୭ ରନ୍)ଙ୍କୁ ଆଉଟ୍ କରିଥିଲେ । ରହମାନୁଲ୍ଲାହ ଗୁରବାଜ (୧୨ ରନ୍)ଙ୍କୁ ମାନବ ସୁଥାର ଆଉଟ୍ କରିବା ପରେ ଆଫଗାନିସ୍ତାନ ନିମ୍ନକୁ ଖସି ଯାଇଥିଲା । ଆଫଗାନିସ୍ତାନ ୨୮ ରନ୍‌ରେ ପ୍ରଥମ, ୪୦ ରନ୍‌ରେ ଦ୍ୱିତୀୟ, ୬୨ ରନ୍‌ରେ ତୃତୀୟ, ୯୮ ରନ୍‌ରେ ଚତୁର୍ଥ ଏବଂ ୧୧୩ ରନ୍‌ରେ ପଂଚମ ୱିକେଟ୍ ହରାଇଥିଲା । ଭାରତ ପାଇଁ ମାନବ ସୁଥାର ଚମକପ୍ରଦ ବୋଲିଂ କରିଥିଲେ । ସେ ୧୫.୫ ଓଭର ବୋଲିଂ କରିଥିଲେ । ଏଥିରୁ ୭ ଓଭର ମେଡେନ୍ ଥିବା ବେଳେ ୨୧ ରନ୍ ଖର୍ଚ୍ଚ କରିଥିଲେ, ଯେଉଁଥିରେ ସେ ୩ଟି ୱାଇଡ୍ ଫିଙ୍ଗିଥିଲେ ।

# ମହିଳା ଫୁଟବଲ : ବାଂଲାଦେଶକୁ ହରାଇ ଷଷ୍ଠ ଟାଇଟଲ୍ ଜିତିଲା ଭାରତ



ନୂଆଦିଲ୍ଲୀ : ଭାରତୀୟ ମହିଳା ଫୁଟବଲ୍ ଦଳ ଦୀର୍ଘ ୭ ବର୍ଷ ଅପେକ୍ଷାର ଅନ୍ତ ଘଟାଇ ଚଳିତ ବର୍ଷ ସାଫ୍ ଚାମ୍ପିଅନସିପ୍ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଦଳ ବାଂଲାଦେଶକୁ ୩-୧ ଗୋଲରେ ପରାସ୍ତ କରି ଷଷ୍ଠ ଥର ପାଇଁ ସାଫ୍ ମହିଳା ଚାମ୍ପିଅନସିପ୍ ଜିତିଛି । ଓଡ଼ିଆ ଝିଅ ପ୍ୟାରୀ ଖାଖା ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ । ଚାମ୍ପଅନ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରାକ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ । ପଣ୍ଡିତ ଜବାହଲଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା । ୪୨ତମ ମିନିଟରେ ପ୍ୟାରୀ ଗୋଟିଏ ଦର୍ଶନୀୟ ଗୋଲ୍ କରି ଭାରତର ଖାତା ଖୋଲିଥିଲେ । ମାତ୍ର ବାଂଲାଦେଶ ଇନଜ୍ୟୁରୀ ଟାଇମରେ ଗୋଲ୍ ପରିଶୋଧ କରିଥିଲା । ସାନଫିଦା ନୋଙ୍ଗ୍ରମ (୪୬ତମ ମିନିଟ୍) ଏବଂ ଲିଣ୍ଡା କୋମ୍ ସେର୍ଟୋ (୮୨ତମ ମିନିଟ୍) ଗୋଲ କରିଥିଲେ । ବାଂଲାଦେଶର ଏକମାତ୍ର ଗୋଲ ଋତୁ ପୋର୍ନା ଚକମା (୪୫ତମ ଏବଂ ୨ୟ ମିନିଟ୍) କରିଥିଲେ । ଆୟୋଜକ ଦଳ ଗ୍ରୁପ ପର୍ଯ୍ୟାୟରେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୦ ଗୋଲରେ ପରାସ୍ତ କରିଥିଲା । ଟିମ୍ ଇଣ୍ଡିଆର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ । ଭାରତୀୟ ଫୁଟବଲ୍ ପାଇଁ ଏହା ଗର୍ବର ମୁହୂର୍ତ ବୋଲି କହିଛନ୍ତି । ଝଇରର ମହିଳା ଚାମ୍ପିଅନସିପ୍ ୨୦୨୬ ଟ୍ରଫି ଉଠାଇବା ପାଇଁ ଆମର ବ୍ଲୁ ଟାଇଗ୍ରେସକୁ ହାର୍ଦ୍ଦିକ ଅଭିନନ୍ଦନ । ଭାରତ ଗୋଟିଏ ବି ମ୍ୟାଚ୍ ନ ହାରି ଟୁର୍ଣ୍ଣାମେଂଟରେ ଅଭିଯାନ ଶେଷ କରିଛି । ଟୁର୍ଣ୍ଣାମେଂଟରେ ୧୮ ଟି ଗୋଲ କରିଛି । ଯାହା ସେମାନଙ୍କର ପ୍ରାଧାନ୍ୟତାର ଏକ ସ୍ପଷ୍ଟ ଉଦାହରଣ । ଭାରତୀୟ ଦଳ ମାଳଦ୍ୱୀପ ବିରୁଦ୍ଧରେ ୧୧-୦ ବିଜୟ ସହିତ ସେମାନଙ୍କର ଅଭିଯାନ ଆରମ୍ଭ କରିଥିଲା ଏବଂ ତା'ପରେ ବାଂଲାଦେଶକୁ ୩-୩ ଗୋଲରେ ପରାସ୍ତ କରି ଗ୍ରୁପ୍ ଇ ଶୀର୍ଷରେ ପହଂଚିଥିଲା । ଲଗାତାର ପାଂଚ ଥର ଟାଇଟଲ୍ ଜିତିବା ପରେ, ଭାରତ ପୂର୍ବ ଦୁଇଟି ସଂସ୍କରଣରେ ଫାଇନାଲରେ ପହଂଚିପାରି ନଥିଲା । ବାଂଲାଦେଶ ନେପାଳକୁ ପରାସ୍ତ କରି ଉଭୟ ଥର (୨୦୨୨ ଏବଂ ୨୦୨୪) ଟ୍ରଫି ଜିତିଥିଲା । ଭାରତ ଶେଷ ଥର ପାଇଁ ୨୦୧୯ରେ ଏହି ଟାଇଟଲ ଜିତିଥିଲା । ଏହା ସହିତ ୨୦୧୦, ୨୦୧୨, ୨୦୪, ୨୦୧୬ ସଂସ୍କରଣରେ ବି ବିଜେତା ହୋଇଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚ୍ଛଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**